## ସଂକ୍ଷେପରେ

### ଭାଜପାରେ ମିଶିଲେ ଶତାଧିକ ବିଜେଡି କର୍ମୀ

ଭଦ୍ରକ,୫।୧୦(ସନାତନ ରାଉତ)

ଭଦ୍ରକ ବିଧାୟକଙ୍କ କୁଆଁସସ୍ଥିତ ବିଧାନସଭା କାର୍ଯ୍ୟାଳୟରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ନିର୍ବାଚନମଣ୍ଡଳୀର କଲେଇ ପଞ୍ଚାୟତ ବିଜେଡି ଯୁବନେତା ତୁଷାରକାନ୍ତ ପରିଡ଼ାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଦଳ ଛାଡ଼ି ବିଧିବଦ୍ଧ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ହରିପୁର ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ କର୍ମୀ ଅନ୍ୟ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ବିଧାୟକ ସୀତାଂଶୁ ଶେଖର ମହାପାତ୍ର ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଭାଜପା ନେତା ମଳୟ ଜେନା, ଅମ୍ବିକା ପ୍ରସାଦ ଦାସ, ଆଦିକନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ବାସୁଦେବପୁର,୫।୧୦(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତ ରାଇପୁର ଗ୍ରାମର ରଶ୍ମିପ୍ରଭା ବେହେରାଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ରଶ୍ମିପ୍ରଭାଙ୍କ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୨୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଚୋରମାନେ ସିଡ଼ି ଘର ଉପର ଦେଇ ଘର ଭିତରେ ପଶି ଚୋରି କରିଛନ୍ତି। ଏନେଇ ରଶ୍ମିପ୍ରଭାଙ୍କ ଅଭିଯୋଗକ୍ରମେ ନାୟକାଣିଡିହୀ ଥାନାରେ ଏକ ମାମଲା (ନଂ.୨୩୧/୨୪) ରୁଜୁ ହୋଇଛି। ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ଭାରପ୍ରାପ୍ତ ଥାନାଧିକାରୀ ସଲଖାନ ମୁର୍ମୁ କହିଛନ୍ତି। ଚୋରିରେ ସ୍ଥାନୀୟ ବ୍ୟକ୍ତିଙ୍କ ହାତ ଥିବା ସନ୍ଦେହ କରାଯାଉଛି।

### ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭଦ୍ରକ,୫।୧୦(ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକର ଅସୁରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତାରାମଣି ଦାଶଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସ୍କୁଲ ପରିସରରେ ତିଶଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଝୁରନ୍‌ବାଳା ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ଚରଣ ନାୟକ, ରାଜକିଶୋର ଦାସ, ପ୍ରଧାନ ଶିକ୍ଷକ ରଘୁନାଥ ମଲ୍ଲିକ, ଭଗବାନ ଚନ୍ଦ୍ର ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ସିଆର୍‌ସିସି ପ୍ରଶାସନ ବାରିକ ଏବଂ ସିଆର୍‌ସିସି ଜୟନ୍ତ ଜେନା ସଭା ପରିଚାଳନା କରିଥିଲେ। ଅସୁରା ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟିର ପୁରାତନ ସଭାପତି ପୂର୍ଣ୍ଣଚନ୍ଦ୍ର ମଣ୍ଡଳ ଓ ସଭାପତି ସନ୍ତୋଷ ମଲ୍ଲିକ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଶିକ୍ଷକ ଶ୍ରୀକାନ୍ତ ପରିଡ଼ା, ସତ୍ୟନାରାୟଣ ବେହେରା ପ୍ରମୁକ ସହଯୋଗ କରିଥିଲେ।

## ଷୋଳମପୁର ବୌଦ୍ଧବିହାର

# ପର୍ଯ୍ୟଟନସ୍ଥଳୀ ମାନ୍ୟତାକୁ ଅପେକ୍ଷା

ଭଣ୍ଡାରିପୋଖରୀ,୫।୧୦(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ବୌଦ୍ଧବିହାର ଏଯାଏ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ମିଳିପାରିନାହିଁ। ଭାରତ ସରକାରଙ୍କ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଏବଂ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ନିକଟରେ ଥିବା ତଥ୍ୟ ଅନୁଯାୟୀ, ଷୋଳମପୁର ଗ୍ରାମରେ ବିକ୍ଷିପ୍ତ ଭାବେ ପଡ଼ିଥିବା ବୁଦ୍ଧମୂର୍ତ୍ତି, ପାରିପାର୍ଶ୍ୱିକ ଅବସ୍ଥିତି ଓ ତାମ୍ରଲେଖାରୁ ସ୍ପଷ୍ଟ ଯେ ଏହି ସ୍ଥାନରେ ଏକ ପ୍ରସିଦ୍ଧ ବୌଦ୍ଧବିହାର ଥିଲା। ଗ୍ରାମର ମଧ୍ୟସ୍ଥଳୀରେ ଥିବା ୨ଶହ ବର୍ଷର ପ୍ରାଚୀନ ରଘୁନାଥଜୀଉ ମନ୍ଦିର ଚତୁପାର୍ଶ୍ୱ କାନ୍ଥରେ ଥିବା ତାରା, ଜମ୍ଭଳ, ମଞ୍ଜୁଶ୍ରୀ, ଜାଙ୍ଗୁଳା, ବିରଳ ଅଷ୍ଟମହାଶ୍ଚର୍ଯ୍ୟ ମୂର୍ତ୍ତି, ମନ୍ଦିର ବେଢ଼ାରେ ଥିବା ବୁଦ୍ଧମୂର୍ତ୍ତି, ଗ୍ରାମଦେବତୀ ମା' ଶାନ୍ତେଶ୍ୱରୀ ପୀଠ ସମ୍ମୁଖରେ ଥିବା ବୁଦ୍ଧମୂର୍ତ୍ତି ସମୂହ, ଗ୍ରାମର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ଭାବେ ଦୃଶ୍ୟମାନ ବୁଦ୍ଧମୂର୍ତ୍ତି ଏହାର ଜ୍ୱଳନ୍ତ ପ୍ରମାଣ ଦିଏ। ଏହାସହ ଏହି ମନ୍ଦିର ପଶ୍ଚାତ୍ ଭାଗରେ ଥିବା ବିଲୁପ୍ତପ୍ରାୟ



ଅମୁହାଁ କୁଣ୍ଡର ମାଟି ତଳେ ବହୁ ଅନାବିଷ୍କୃତ ବୁଦ୍ଧମୂର୍ତ୍ତି, ବିଶାଳକାୟ ଓ ଗଭୀର ଦଶାଙ୍ଗ ପୋଖରୀର ମଧ୍ୟସ୍ଥଳୀରେ ବିଶାଳ ବୁଦ୍ଧମୂର୍ତ୍ତି ସଦୃଶ ଏକ ଅନାବିଷ୍କୃତ ବୁଦ୍ଧ ମୂର୍ତ୍ତି ଓ ମନ୍ଦିରର ଦକ୍ଷିଣ ପ୍ରାନ୍ତରରେ ଏକ ଇଟାସ୍ତୂପ ରୂପକ ଅନାବିଷ୍କୃତ ବୌଦ୍ଧବିହାର ପୋତି ହୋଇ ରହିଥିବାର ଅନୁମାନ କରାଯାଏ। ଏହାସହ ଏହି ବୌଦ୍ଧବିହାର ଆଖପାଖ ଅଞ୍ଚଳରୁ କ୍ରମାଗତ ଭାବେ ବୌଦ୍ଧମୂର୍ତ୍ତି ମିଳୁଥିବାରୁ ଏସବୁର ସୁରକ୍ଷା ଓ ପ୍ରସାର ପାଇଁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଜରୁରୀ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

ଷୋଳମପୁର ବୌଦ୍ଧବିହାରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ ୨୦୨୩ ସେପ୍ଟେମ୍ବର ୩୦ରେ ବିଧାନସଭାରେ ଏହିପ୍ରସଙ୍ଗ ଉଠାଇଥିଲେ। ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ବିଧିବଦ୍ଧ ପ୍ରସ୍ତାବ ଆସିଲେ ରାଜ୍ୟ ସରକାର ଏନେଇ ସକାରାତ୍ମକ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ସେ ସମୟରେ ପର୍ଯ୍ୟଟନ ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଥିଲେ। ଏବେ ବିଧାୟକ ସୂର୍ଯ୍ୟବଂଶୀ ସଂସ୍କୃତି ମନ୍ତ୍ରୀ ଅଛନ୍ତି। ଷୋଳମପୁର ବୌଦ୍ଧବିହାର ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇବା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଆଶା ସଞ୍ଚାର ହୋଇଛି। ଏ ସମ୍ପର୍କରେ ବିଡିଓ ଦେବଦତ୍ତ ଦାଶ କହିଛନ୍ତି, ଷୋଳମପୁର ବୌଦ୍ଧବିହାରକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଁ ସଂସ୍କୃତି ବିଭାଗ ଜରିଆରେ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଯାଇଛି।

## ରଣଜୀ ଟିମ୍‌ରେ ଭଦ୍ରକର ହର୍ଷିତ୍

ଭଦ୍ରକ,୫।୧୦(ସନାତନ ରାଉତ)

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଥିବା ରଣଜୀ ଟିମ୍‌ରେ ଭଦ୍ରକର କ୍ରିକେଟର ହର୍ଷିତ୍ ରାଠୋଡ୍ ସ୍ଥାନ ପାଇଛନ୍ତି। ଭଦ୍ରକ ଜିଲାରୁ ପ୍ରଥମ କ୍ରିକେଟର ଭାବେ ସେ ଗତବର୍ଷ ଓଡ଼ିଶା ରଣଜୀ ଟିମ୍‌ରେ ସ୍ଥାନ ପାଇଥିଲେ। ୨୫ ବର୍ଷୀୟ ହର୍ଷିତ୍ ଚରମ୍ପାର କ୍ଷୁଦ୍ର ବ୍ୟବସାୟୀ ସ୍ୱର୍ଗତ ପ୍ରଫୁଲ୍ଲ ରାଠୋଡ୍ ଓ ତନୁଜା ଦେବୀଙ୍କ ପୁଅ। ସ୍ଥାନୀୟ ହ୍ୟାପି ହୋମ୍ ସ୍କୁଲ୍‌ରେ ପଢୁଥିବା ବେଳେ କ୍ରୀଡ଼ା ପ୍ରତି ତାଙ୍କର ଆଗ୍ରହ ଦେଖି ଅଧ୍ୟାପକ ରବିନାରାୟଣ ଓଝା ତାଙ୍କୁ ଆଗକୁ ବଢ଼ିବା ପାଇଁ ସହଯୋଗ କରିଥିଲେ। ଜଣେ ବାମହାତୀ ଅର୍ଥୋଡକସ୍ ସ୍ପିନର୍, ବ୍ୟାଟ୍ସମ୍ୟାନ୍ ଭାବେ ସେ ପରିଚୟ ସୃଷ୍ଟି କରିଥିଲେ। ୨୦୧୩ ମସିହାରେ ଓଡ଼ିଶା ପକ୍ଷରୁ 'ବିଜୟ ମର୍ଚ୍ଚାଣ୍ଟ ଟ୍ରଫି କ୍ରିକେଟ୍'



ହର୍ଷିତ୍ ରାଠୋଡ୍।

ଖେଳିଥିଲେ। ପ୍ରଥମ ମ୍ୟାଚ୍‌ରେ ସେ କେରଳ ବିପକ୍ଷରେ ବୋଲିଂ କରି ପ୍ରାରମ୍ଭିକ ୫ଜଣ ବ୍ୟାଟ୍ସମ୍ୟାନ୍‌ଙ୍କୁ ଜିରୋ ଆଉଟ୍ କରି ଚର୍ଚ୍ଚାକୁ ଆସିଥିଲେ। ୨୦୧୯ରେ ୨୩ ବର୍ଷୀୟ 'ସି.କେ.ନାୟଡୁ ଟ୍ରଫି' କ୍ରିକେଟ୍‌ରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। ସେ ରଣଜୀ ଟିମ୍‌ରେ ସ୍ଥାନ ପାଇଥିବାରୁ ଭଦ୍ରକରେ ଖୁସିର ଲହରୀ ଖେଳିଯାଇଛି।

## ଭାରତୀୟ ଟାଏକୋଣ୍ଡୋ ଦଳ ସହ ଇଣ୍ଡୋନେସିଆ ଯାତ୍ରା କରିବେ ଚିନ୍ମୟ

ଭଦ୍ରକ,୫।୧୦(ସନାତନ ରାଉତ)

ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଆସନ୍ତା ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ୬ଷ୍ଠ କସଡ ଓପନ ଏସିଆ ଜି ୧ ର୍‌ୟାଙ୍କିଙ୍ଗ୍ ଟାଏକୋଣ୍ଡୋ ଚାମ୍ପିୟନଶିପ୍-୨୦୨୪ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ପ୍ରତିଯୋଗୀମାନେ ଭାଗ ନେଇଥିବା ବେଳେ ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନର ସମ୍ପାଦକ ଭଦ୍ରକ ମୋଟେଲ ଛକରେ ରହୁଥିବା ଚିନ୍ମୟ ବେହେରା(୩୬) ମାଷ୍ଟର ବିଭାଗରେ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିବା ସହ ଭାରତୀୟ ଦଳର କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଏଥିପାଇଁ ଭାରତୀୟ ଦଳ ସହ ଆସନ୍ତା ୧୨ ତାରିଖରେ ସେ ଇଣ୍ଡୋନେସିଆ ଯାତ୍ରା କରିବେ। ୫୪ କେଜି ଓଜନବର୍ଗରୁ କମ୍ ବାଳକ ବିଭାଗରେ ଶୁଭଜିତ୍ ମଲ୍ଲିକ ଏହି ପ୍ରତିଯୋଗିତାରେ



ଚିନ୍ମୟ ବେହେରା।

ଓଡ଼ିଶାରୁ ଅଂଶଗ୍ରହଣ କରିବେ। କ୍ରୀଡ଼ାବିତ୍‌ମାନେ ୱାର୍ଲ୍ଡ ର୍‌ୟାଙ୍କିଂ ସହ ଅଲିମ୍ପିକ୍ସ ର୍‌ୟାଙ୍କିଂ ତିଆରି କରିବା ଲକ୍ଷ୍ୟରେ ଚିନ୍ମୟଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଜାରି ରଖିଛନ୍ତି। ଏସିଆନ ଚାମ୍ପିୟନଶିପ୍‌ରେ ସଫଳତା ପାଇଁ ଖେଳାଳିମାନେ ଚିନ୍ମୟଙ୍କଠାରୁ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି।

# ୧,୫୧,୬୪୨ ଚାଷୀଙ୍କୁ ପିଏମ୍ କିଷାନ ସହାୟତା



ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ।

ଭଦ୍ରକ,୫।୧୦(ସନାତନ ରାଉତ)

ଭଦ୍ରକ ଜିଲାର ୧ ଲକ୍ଷ ୫୧ ହଜାର ୬୪୨ ଜଣ ଚାଷୀଙ୍କୁ ପିଏମ୍ କିଷାନ ସହାୟତା ରାଶି ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଶନିବାର ପ୍ରଧାନମନ୍ତ୍ରୀଙ୍କ ଶନିବାର ମହାରାଷ୍ଟ୍ରରେ ଉଦ୍‌ଘାଟନ ହୋଇଥିବା ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ୧୮ତମ କିସ୍ତି ବଣ୍ଟନର ସିଧାପ୍ରସାରଣ କାର୍ଯ୍ୟକ୍ରମ ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଥିଲା। କୃଷି ବିଭାଗ ଓ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳ ଦିଲୀପ ରାଉତରାଏ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଯୋଗଦେଇ ପିଏମ୍ କିଷାନ ଯୋଜନା କୃଷି ଓ କୃଷକଙ୍କୁ ସଶକ୍ତ କରିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି, ଅବସରପ୍ରାପ୍ତ ସହକାରୀ କୃଷି ନିର୍ଦ୍ଦେଶକ ଶ୍ରୀଧର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଯୋଜନାରେ ଚାଷୀମାନଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭାରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ଗଣେଶ ମାଝୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସହକାରୀ କୃଷି ଅଧିକାରୀ ଅନୁରାଧା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସହକାରୀ କୃଷି ଅଧିକାରୀ ସତ୍ୟଜିତ୍ ସେଠୀ, କୃଷି ଓଭରସିଅର ଅଭିମନ୍ୟୁ ପରିଡ଼ା, ସହକାରୀ ନିର୍ଦ୍ଦେଶିକା ତିଳୋତ୍ତମା ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ। ସହକାରୀ କୃଷି ନିର୍ଦ୍ଦେଶକ ତଥା ଆତ୍ମାର ଉପ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ।

## ଦେଶୀମଦ ଜବତ, ୫ ଗିରଫ

ବାସୁଦେବପୁର,୫।୧୦(ନାରାୟଣ ପ୍ରସାଦ ବାରିକ୍)

ଅବକାରୀ ବିଭାଗ ଶନିବାର ବାସୁଦେବପୁରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୭୫ ଲିଟର ଦେଶୀମଦ ଜବତ ସହ ୫ଜଣଙ୍କୁ ଗିରଫ କରିଛି। ଜଗନ୍ନାଥପୁର ଗ୍ରାମର ସୀତା ମଲିକ, କୁମାରପୁରର ଶ୍ରୀଧର ମାଝୀ, ଅଢୁଁଆର ସୁଶାନ୍ତ ମଲିକ, ନୂଆଗାଁର ଭରତ ଦାଶ ଓ କୁମାରପୁରର କୈଳାସ ମାଝୀଙ୍କୁ ଗିରଫ କରାଯାଇଛି। ଚଢ଼ାଉ ବେଳେ ଏକ ବାଇକ୍ ଜବତ ହୋଇଛି। ଅବକାରୀ ବିଭାଗ ଇନ୍ସପେକ୍ଟର ସୁଶ୍ରୀ ସଙ୍ଗୀତା ମହାନ୍ତି ଏବଂ ଓଆଇସି ନଟବର ମଲିକଙ୍କ ନେତୃତ୍ୱରେ ସଦଳବଳ ଜଗନ୍ନାଥପୁର, କୁମାରପୁର ଅଢୁଁଆ, ନୂଆଗାଁ ଆଦି ଅଞ୍ଚଳରେ ଚଢ଼ାଉ କରିଥିଲେ।

## 'ବିନା କ୍ଷମତାରେ ଶକ୍ତିଶାଳୀ ଥିଲେ ଲକ୍ଷ୍ମୀ ମହାପାତ୍ର'



ଦିବଂଗତ ରାଜନେତା ଲକ୍ଷ୍ମୀନାରାୟଣ ମହାପାତ୍ରଙ୍କ ସ୍ମୃତିସଭାରେ ଉପସ୍ଥିତ ନେତୃମଣ୍ଡଳୀ।

ଭଦ୍ରକ,୫।୧୦(ସନାତନ ରାଉତ)

ସ୍ୱର୍ଗତ ରାଜନେତା ଲକ୍ଷ୍ମୀନାରାୟଣ ମହାପାତ୍ର ନେତା ତିଆରି କରିବାର ବିନ୍ଧାଣୀ ଥିଲେ। ତାଙ୍କ ଜୀବଦଶାରେ ଅନେକ ନେତା ତିଆରି କରିଯାଇଛନ୍ତି। ଛାତ୍ରନେତାଙ୍କଠାରୁ ଆରମ୍ଭ କରି ଏବେକାର ପଦପଦବୀରେ ଥିବା ବହୁ ନେତାଙ୍କ ରାଜନୈତିକ ଗୁରୁ ଭାବେ ସେମାନଙ୍କ ପରାମର୍ଶଦାତା ଥିଲେ। ଭଦ୍ରକର ଉନ୍ନତି ପାଇଁ ସବୁବେଳେ ନେତାମାନଙ୍କୁ ତାଗିଦ୍ କରୁଥିଲେ। ବିନା କ୍ଷମତାରେ ସେ ଶକ୍ତିଶାଳୀ ଥିଲେ। ଖୋସାମତିଆ ନ ଥିବାରୁ ସେ ଜୀବନରେ କେବେ ବିଧାୟକ କିମ୍ବା ମନ୍ତ୍ରୀ ହୋଇପାରିଲେନି ବୋଲି ତାଙ୍କ ଏକାଦଶାହ ଅବସରରେ ବହୁ ବକ୍ତା ସ୍ମୃତିଚାରଣ କରିଥିଲେ।

ଭଦ୍ରକ ପୌରପାଳିକାର କୁଆଁସସ୍ଥିତ ତାଙ୍କ ବାସଭବନ ପରିସରରେ ଶନିବାର ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ନିଶିକାନ୍ତ ନାୟକଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଏମ୍‌ପି ଅଭିମନ୍ୟୁ ସେଠୀ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ଅଶୋକ ଦାସ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ଗୁରୁକଲ୍ୟାଣ ମହାପାତ୍ର, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ୍, ପୁରୀରୁ ଆସିଥିବା ଭାଜପା ନେତା କୃଷ୍ଣଚନ୍ଦ୍ର ଜଗଦେବ, ପଞ୍ଚାନନ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ପୂର୍ବତନ ରାଷ୍ଟ୍ରପତିଙ୍କୁ କଳାପତାକା ଦେଖାଇବାଠାରୁ ଆରମ୍ଭ କରି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସହ ଗୋଟିଏ ରିକ୍ସାରେ ବସିବା ପର୍ଯ୍ୟନ୍ତ ଘଟଣାର ସ୍ମୃତିଚାରଣ କରିବା ସହ ତାଙ୍କ ସ୍ପଷ୍ଟବାଦୀ ଓ ନିର୍ଭୀକତା ଜୀବନୀ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ କିଶୋର ମହାପାତ୍ର, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଅତୀଶ ବେହେରା, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଡା. ରବୀନ୍ଦ୍ର ନାୟକ, ଡା. ପ୍ରଦୀପ ନାୟକ, ମଳୟ ଜେନା, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ, ଦୀନବନ୍ଧୁ ପତି, ଲଲାଟେନ୍ଦୁ ମହାନ୍ତି, ଜ୍ଞାନପ୍ରକାଶ ପାଣି ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶାର ବହୁ କୋଣ ଅନୁକୋଣରୁ ବିଶିଷ୍ଟ ବ୍ୟକ୍ତି ଓ ନେତାମାନେ ତାଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ପୁଅ ଶୁଭଙ୍କର ମହାପାତ୍ର ଓ ପରିବାର ବର୍ଗ ପରିଚାଳନା କରିଥିଲେ।

# ଗଜାନନଙ୍କ ଭସାଣି

ଭଦ୍ରକ, ୫।୧୦(ରବିନାରାୟଣ ଖିଲାର)

ଭଦ୍ରକ ସହରର କୁଆଁସ କଦମ୍ବବେଢ଼ା ନାୟକ କଲୋନୀ ଗଜାନନ କମିଟି ପକ୍ଷରୁ ୧ ମାସ ଧରି ପୂଜା ପାଉଥିବା ଗଣେଶ ଠାକୁରଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ସହରର କୁଆଁସ, ଟାଉନ ହଲ୍, ଥାନାଛକ, ନୂଆବଜାର, ବାଇପାସ୍, ରାଜଘାଟ ଛକ ନିଆଯାଇ କୁଆଁସସ୍ଥିତ ସାଳନ୍ଦୀ ନଦୀରେ ବିସର୍ଜନ କରାଯାଇଥିଲା। କମିଟିର ଉପଦେଷ୍ଟା ଆଶିଷ ଅମିତାଭ ମହାପାତ୍ର, ସଭାପତି ସନିଆ ନାୟକ, ସମ୍ପାଦକ ଶିବା ନାୟକଙ୍କ ସମେତ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ




ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ତେଜଲକ୍ଷ୍ମୀ ଦାସ, ରଶ୍ମିତା ଜେନା, ବଣ୍ଟି ନାୟକ, ମନୋଜ ନାୟକ, କାଳନ୍ଦୀ ନାୟକ, ରାଜେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଉପସ୍ଥିତ ରହିଥିଲା।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଭଲିବଲ୍ କ୍ରୀଡ଼ାରେ ଭାଗନେବେ ରଶ୍ମିରଞ୍ଜନ



ବିଦ୍ୟାଳୟରେ ଛାତ୍ର ରଶ୍ମିରଞ୍ଜନ ସ୍ୱାଇଁଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟ ଛାତ୍ରୀଛାତ୍ର ଶୁଭେଚ୍ଛା ଜଣାଉଛନ୍ତି।

ବନ୍ତ,୫।୧୦(ହରି ନାରାୟଣ ମହାନ୍ତି)

ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ାର ଭଲିବଲ ବିଭାଗରେ ଭଦ୍ରକ ଜିଲା ବନ୍ତ ବ୍ଲକର ଟିଲୋ ପଞ୍ଚାୟତ ଗଡଚଣ୍ଡୀସ୍ଥିତ ମେନକାରାଣୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ରଶ୍ମିରଞ୍ଜନ ସ୍ୱାଇଁ ଭାଗନେବେ। ସେ ଜିଲାସ୍ତରରୁ ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। ଆସନ୍ତା ୭ ତାରିଖରେ ଗଜପତି ଜିଲାରେ ହେବାକୁ ଥିବା କ୍ରୀଡ଼ାରେ ସେ ଅଂଶଗ୍ରହଣ କରିବେ। ଏଥିନେଇ ଶନିବାର ବିଦ୍ୟାଳୟ ପକ୍ଷରୁ ପ୍ରଧାନଶିକ୍ଷକ ଦିଲୀପ କୁମାର ଜେନା, କ୍ରୀଡ଼ା ଶିକ୍ଷୟିତ୍ରୀ ମନିତାବାଳା ନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ରଶ୍ମିରଞ୍ଜନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି। ସେ ଟିଲା ପଞ୍ଚାୟତ କରଞ୍ଜପଡା ଗ୍ରାମର ମୋହନ ଚରଣ ସ୍ୱାଇଁ ଓ ସ୍ୱର୍ଣ୍ଣଲତା ସ୍ୱାଇଁଙ୍କ ପୁଅ। କ୍ରୀଡ଼ା ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ସେ ଏହି ସଫଳତା ପାଇଥିବା କହିଛନ୍ତି।

# ଖୋଲିବ ନୂଆ ରିଟେଲର ପଏଣ୍ଟ

### ପୂରଣ ହେବାକୁ ଯାଉଛି ଦୀର୍ଘଦିନର ଦାବି

ବନ୍ତ,୫।୧୦(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଟିଲୋ ପଞ୍ଚାୟତର ୫ ୱାର୍ଡ ତଥା ୮ ଗ୍ରାମର ରାଶନକାର୍ଡଧାରୀଙ୍କୁ ସୁବିଧାରେ ରାଶନ ସାମଗ୍ରୀ ଯୋଗାଇଦେବା ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ଖୁବ୍‌ଶୀଘ୍ର ନୂଆ ରିଟେଲର ପଏଣ୍ଟ ଖୋଲିବାକୁ ଯାଉଛି। ଏହି ରିଟେଲର ପଏଣ୍ଟର ଦାୟିତ୍ୱ ସ୍ୱୟଂସହାୟକ ଗୋଷ୍ଠୀକୁ ଦିଆଯିବ। ଏହାଦ୍ୱାରା ୫୬୦ ରାଶନକାର୍ଡଧାରୀ ନୂଆ ରିଟେଲର ପଏଣ୍ଟରୁ ସୁବିଧାରେ ସାମଗ୍ରୀ ପାଇପାରିବେ।

ପ୍ରକାଶ ଯେ, ଦୀର୍ଘବର୍ଷ ହେବ ଏହି ପଞ୍ଚାୟତ ଅଧୀନ ୮ ଗ୍ରାମର ରାଶନକାର୍ଡଧାରୀମାନେ ୨ରୁ ୩ କି.ମି. ଦୂରରେ ଥିବା ଟିଟେଲର ପଏଣ୍ଟକୁ ଯାଇ ବହୁ କଷ୍ଟରେ ରାଶନ ସାମଗ୍ରୀ ଆଣୁଥିଲେ। ବିଶେଷକରି ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗମାନେ ବର୍ଷା, ଶୀତ କାକରରେ ଯାଇ ସାମଗ୍ରୀ ଆଣିବା କଷ୍ଟକର ହୋଇପଡୁଥିଲା। ୨୦୨୨ରେ ସଂଗ୍ରାମ କେଶରୀ ଜେନା ସରପଞ୍ଚ ହେବା ପରେ ଏହି ସମସ୍ୟା ନେଇ ସେ ବହୁବାର ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଥିଲେ। ୨୦୨୨ ଅଗଷ୍ଟରେ ସାମାଜିକ କର୍ମୀ ଇଂ. ଲକି ମାଷ୍ଟର ସ୍ୱାଇଁଙ୍କ ନେତୃତ୍ୱରେ ବହୁ ହିତାଧିକାରୀ ତତ୍କାଳୀନ ବିଡିଓଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ଏ ପରିପ୍ରେକ୍ଷୀରେ ୨୦୨୩ରେ ନୂତନ ରିଟେଲର ପଏଣ୍ଟ ଖୋଲିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହାକୁ ସ୍ଥଗିତ ରଖାଯାଇଥିଲା। ପରେ ସାମାଜିକ କର୍ମୀ ସ୍ୱାଇଁ ଜିଲାପାଳ ଓ ଉପଜିଲାପାଳଙ୍କ ନିକଟରେ ପୁନଶ୍ଚ ଅଭିଯୋଗ କରି ଆସୁଥିଲେ। ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ଜିଲା ପ୍ରଶାସନ ଏବେ ପଦକ୍ଷେପ ଗ୍ରହଣ କରିଥିବା ଜଣାଯାଇଛି। ଗତ ସେପ୍ଟେମ୍ବର ୨୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ (ମିଶନ ଶକ୍ତି) ପତ୍ର ସଂଖ୍ୟା-୨୦୫୮ ଅନୁଯାୟୀ ଭଦ୍ରକ ପୌରପାଳିକା ସହ ୩ ବ୍ଲକରେ ରିଟେଲର ପଏଣ୍ଟ ଖୋଲାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ରିଟେଲର ପଏଣ୍ଟ ପାଇଁ ଇଚ୍ଛୁକ ସ୍ୱୟଂସହାୟକ ଗୋଷ୍ଠୀ ୧୨ଦିନ ମଧ୍ୟରେ ଆବେଦନ କରିବାକୁ ନିର୍ଦ୍ଦେଶ ରହିଥିଲା। ପ୍ରକାଶିତ ବିଜ୍ଞପ୍ତିରେ ଟିଲୋ ପଞ୍ଚାୟତର ବଡ଼ସାହି, ମାଳିସାହି, ତାଳପଦା, ତ୍ରିକୋଣା, କୁଶବେଣ୍ଟି, ବେଲମଳା, ପାଞ୍ଚବାଟିଆ, ଟିକିଟିରା ଆଦି ୮ ଗ୍ରାମ ପାଇଁ ରିଟେଲର ପଏଣ୍ଟ ଖୋଲାଯିବା ନେଇ ଉଲ୍ଲେଖ ରହିଛି। ଏନେଇ ଉକ୍ତ ପଞ୍ଚାୟତର କେତେକ ସ୍ୱୟଂସହାୟକ ଗୋଷ୍ଠୀ ଆବେଦନ କରିଥିବା ଜଣାଯାଇଛି। ସମସ୍ତ ଆବେଦନ ପତ୍ର ଗ୍ରହଣ ଓ ଯାଞ୍ଚ ଦାୟିତ୍ୱ ସିଡିପିଓଙ୍କୁ ଦିଆଯାଇଛି। ଆବେଦନ ପତ୍ର ଯାଞ୍ଚ କରାଯାଇ ଗୋଟିଏ ସ୍ୱୟଂସହାୟକ ଗୋଷ୍ଠୀକୁ ଚୟନ କରାଯିବ ବୋଲି ବିଡିଓ ପ୍ରଦୀପ କୁମାର ସେଠୀ କହିଛନ୍ତି। ଦୀର୍ଘଦିନର ଦାବି ଏବେ ପୂରଣ ହେବାକୁ ଯାଉଥିବାରୁ ଅଞ୍ଚଳବାସୀ ସ୍ଥାନୀୟ ସରପଞ୍ଚ, ବ୍ଲକ ଓ ଜିଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

# ଚନ୍ଦନେଶ୍ୱର ମନ୍ଦିର ଢାଞ୍ଚାରେ ତୋରଣ

## ଦୁଲୁକିବ ଦେହୁର୍ଦ୍ଧା

## ୫୧୯ବର୍ଷର ରାୟ ମହାଶୟଗଡର ଦୁର୍ଗାପୂଜା



ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣରେ ନିମଗ୍ନ ଶିଳ୍ପୀ।

**ଭୋଗରାଇ, ୫।୧୦(ପ୍ରଦୀପ ଦାସ)**

ଦୀର୍ଘ ୫୧୯ବର୍ଷର କାହାଣୀ ଆଜି ବି ଉଜ୍ଜୀବିତ କରୁଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଦେହୁର୍ଦ୍ଧା ରାୟମହାଶୟଗଡ଼ର ପ୍ରଖ୍ୟାତ ଦୁର୍ଗାପୂଜା। କର୍ପୁର ଉଡିଯାଇଥିଲେ ମଧ୍ୟ କନା ପଡିରହିଛି। ମରହଟ୍ଟା ଏବଂ ବ୍ରିଟିଶ ଶାସନରୁ ଏହି ପ୍ରସିଦ୍ଧ ଦୁର୍ଗାପୂଜା ହୋଇଆସୁଛି। ୧୯୫୨ ମସିହାରେ ଜମିଦାରୀ ପ୍ରଥା ଉଚ୍ଛେଦ ହେବା ପରେ ଦେହୁର୍ଦ୍ଧା ମହାଶୟ ବଂଶର ଭୂପେଶ ଚନ୍ଦ୍ର ମହାଶୟ ପୁତ୍ରଙ୍କୁ ପୂଜା ଦାୟିତ୍ୱ ଦିଆଯାଇଥିଲା। ସେ ସମୟରେ ମା'ଙ୍କ ମୃଣ୍ମୟୀ ପ୍ରତିମା ଓ ପୂଜାର୍ଚ୍ଚନାରେ ଆର୍ଥିକ ବୋଝ ଏକ ମୁଖ୍ୟ ସମସ୍ୟା ହୋଇ ଦେଖାଦେଇଥିଲା। ପରେ ୧୯୫୫ ମସିହାରୁ ୨୨ଖଣ୍ଡ ମୌଜାର ମିଳିତ ସହଯୋଗରେ ମା' ଦୁର୍ଗାଙ୍କ ସାର୍ବଜନୀନ ପୂଜା ଅଦ୍ୟାବଧି ହୋଇଆସୁଛି। ଚଳିତବର୍ଷ ମୂର୍ତ୍ତି କାରିଗର ଭାବେ ଶିଳ୍ପୀ ସୁଧାଂଶୁ ପ୍ରଧାନ ଓ ଗୋପାଳଚନ୍ଦ୍ର ଦାସ ମା' ଦଶଭୁଜାଙ୍କ ବଙ୍ଗୀୟ ଭିନ୍ନଶୈଳୀରେ ମୂର୍ତ୍ତି ନିର୍ମାଣ ନିମନ୍ତେ ଦିନରାତି କାର୍ଯ୍ୟ କରିଆସୁଛନ୍ତି। ଏହି ସାର୍ବଜନୀନ ପାର୍ବଣ ନିମନ୍ତେ ବହୁ ଅର୍ଥର ଆବଶ୍ୟକତା ରହିଥିବା ବେଳେ ପୂଜା କମିଟି ଚିନ୍ତିତ ରହିଛନ୍ତି। ମା'ଙ୍କ ଆଗମନରେ ଆକର୍ଷଣୀୟ ତୋରଣ, ରଙ୍ଗୀନ ଆଲୋକମାଳାର ସାଜସଜ୍ଜା, ପ୍ରସିଦ୍ଧ ଚନ୍ଦନେଶ୍ୱର ମହାଦେବଙ୍କ ଢାଞ୍ଚାରେ ମଣ୍ଡପ ନିର୍ମାଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ଚିତ୍ତାକର୍ଷକ ଆତଶବାଜି ପ୍ରଦର୍ଶନ ପାଇଁ ପୂଜା ପ୍ରସ୍ତୁତି କମିଟି ଅଣ୍ଟାଭିଡି ରାୟ ମହାଶୟ ଗଡ଼ର ମା ଦୁର୍ଗା ଙ୍କ ସ୍ଥାୟୀ ମନ୍ଦିର ସମେତ ମା ଦକ୍ଷିଣକାଳୀ,ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ, ରାଧାକୃଷ୍ଣ, ମହାରୁଦ୍ର ମହାଦେବ ଓ ମା ଶୀତଳା ଠାକୁରାଣୀ ବହୁ ପୁରାତନ କାଳରୁ ପୂଜା ପାଇ ଆସୁଛନ୍ତି। ଅପରପକ୍ଷରେ ଏଠାରୁ ପ୍ରାୟ ୪୦କି.ମି. ଦୂର ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ଲକ୍ଷ୍ମଣନାଥ ରାୟ ମହାଶୟ ଗଡ଼ର ପ୍ରସିଦ୍ଧ ଦୁର୍ଗାପୂଜା ଦେହୁର୍ଦ୍ଧା ରାୟମହାଶୟ ଗଡ଼ର ଦୁର୍ଗାପୂଜା ସାମଞ୍ଜସ୍ୟ ରହିଥିବା କୁହାଯାଉଥିବା ବେଳେ ଏଠାରେ ପୂଜା ବେଳେ ଭକ୍ତଙ୍କ ପ୍ରବଳ ଭିଡ ଲାଗିରହିଥାଏ। ଓଡ଼ିଶାର ଐତିହ୍ୟ ପରମ୍ପରା ବହନ କରିଆସୁଥିବା କୋଷ୍ଟ କେନାଲ ନିର୍ମାଣ ବେଳେ ଦେହୁର୍ଦ୍ଧାଗଡ଼ରେ ବାଣିଜ୍ୟ ପେଣ୍ଠସ୍ଥଳୀର ଗୌରବ ଗାଥା ଏବଂ ମହାରାଣୀ ଭିକ୍ଟୋରିଆ ଗସ୍ତର ସ୍ମୃତି ଆଜି ବି ଉଜ୍ଜୀବିତ କରୁଛି। ପୂର୍ବରୁ ଦେହୁର୍ଦ୍ଧାଗଡ଼ର ମା'ଙ୍କ ପୂଜାରେ ପ୍ରାଣୀ ବଳି ଦିଆଯାଉଥିବା ବେଳେ ଅଧୁନା ଏହି ପ୍ରଥା ବନ୍ଦ ହୋଇଛି। ତେବେ ଧର୍ମୀୟ ଚେତନା ସାଙ୍ଗକୁ ସାଂସ୍କୃତିକ ଜାଗରଣର ଏଠାରେ ନିଆରା ଉତ୍ସ ପାଲଟିଛି। ଏଥିପାଇଁ ସାର୍ବଜନୀନ ଦୁର୍ଗାପୂଜା କମିଟି ଚଳିତବର୍ଷ ମା'ଙ୍କ ପୂଜାକୁ ସୁନ୍ଦର ଏବଂ ଭିନ୍ନ ଆକର୍ଷଣୀୟ କରିବାକୁ ଏକ ଖବରଦାତା ସମ୍ମିଳନୀ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପୂଜା କମିଟି ସଭାପତି ଅନୁପ କୁମାର ମିଶ୍ର, ଉପସଭାପତି ପ୍ରଦୀପ କୁମାର ଦାସ, ସୁବ୍ରତ ଦେ, ହିମାଂଶୁ ମିଶ୍ର, ଶ୍ରୀନିବାସ ବେଜ, ଶକ୍ତିପଦ ଦାସ, ହରେନ୍ଦ୍ର ମଣ୍ଡଳ, ସମ୍ପାଦକ ନିତାଇ ଚରଣ ଆଚାର୍ଯ୍ୟ, ନିମାଇଁ ଘୋଷ ପ୍ରମୁଖ ସଦସ୍ୟମାନେ ସହଯୋଗ ଲୋଡିଛନ୍ତି। ଦେହୁର୍ଦ୍ଧା ଦୁର୍ଗାପୂଜା ସାର୍ବଜନୀନ ଦୁର୍ଗାପୂଜାକୁ ଗୌରବ ମଣ୍ଡିତ କରିପାରିଛି ବୋଲି ରାୟ ମହାଶୟ ବଂଶର ତୀର୍ଥେଶ ଚନ୍ଦ୍ର ରାୟ ମହାଶୟ ମତ ପ୍ରକାଶ କରିଛନ୍ତି।

## ଟିପିଏନ୍ଓଡିଏଲ୍‌କୁ 'ବେଷ୍ଟ ହେଲ୍‌ଥ କେୟାର ଇନିସିଏଟିଭ ଇନ୍ ଦ ରିଜନ୍' ସମ୍ମାନ



ଟିପିଏନଓଡିଏଲ୍ ଅଧିକାରୀ ସମ୍ମାନ ଗ୍ରହଣ କରୁଛନ୍ତି।

**ବାଲେଶ୍ୱର, ୫।୧୦(ବାଞ୍ଛାନିଧି ଦେ)**

ସାମାଜିକ ଦାୟିତ୍ୱବୋଧତା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ତଥା ଆଞ୍ଚଳିକ ସ୍ତରରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଣ ପାଇଁ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ)କୁ 'ବେଷ୍ଟ ହେଲ୍‌ଥ କେୟାର ଇନିସିଏଟିଭ ଇନ୍ ଦ ରିଜନ୍' ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରରେ ଓଡ଼ିଶା ସିଏସ୍ଆର ଫୋରମ୍ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଟିପିଏନଓଡିଏଲ୍‌କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଟିପିଏନଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱିଜଦାସ ବସାକ, ସିଏସଆର ମୁଖ୍ୟ ଦିଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ।

ଏ ସମ୍ପର୍କରେ ସୂଚନା ଦେଇ ଟିପିଏନଓଡିଏଲ ସିଇଓ ଦ୍ୱିଜଦାସ ବସାକ କହିଛନ୍ତି, ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ମାଗଣା ମୋବାଇଲ ସ୍ୱାସ୍ଥ୍ୟସେବା ନିମିତ୍ତ ଭ୍ରାମ୍ୟମାଣ ଆମ୍ବୁଲାନ୍ସ ବାଲେଶ୍ୱର ଜିଲା ସମେତ ଯାଜପୁର, କେନ୍ଦୁଝର, ଭଦ୍ରକ, ଓ ମୟୂରଭଞ୍ଜ ଜିଲାରେ ଆରମ୍ଭ ହୋଇଛି। ପ୍ରତ୍ୟେକ ଜିଲା ପାଇଁ ଗୋଟିଏ ଲେଖାଏଁ ମୋଟ ୫ଟି ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଉପଲବ୍ଧ କରାଯାଇଛି। ଏଯାବତ୍ ମୋଟ ୧୯୧୭ଟି ସ୍ୱାସ୍ଥ୍ୟ କ୍ୟାମ୍ପ ଆୟୋଜନ କରାଯାଇଛି। ଏହି ଆମ୍ବୁଲାନ୍ସ ଆଦିବାସୀ, ଉପାନ୍ତ ଓ ଗ୍ରାମାଞ୍ଚଳ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଉଛି। ଆମ୍ବୁଲାନ୍ସଗୁଡ଼ିକରେ ଅତ୍ୟାବଶ୍ୟକ ଚିକିତ୍ସା ଉପକରଣ ଓ ଔଷଧ ସହ ଜଣେ ଲେଖାଏଁ ଡାକ୍ତର, ଫାର୍ମାସିଷ୍ଟ, ଏଏନ୍ଏମ୍ ଏବଂ ଡ୍ରାଇଭର ନିୟୋଜିତ ଅଛନ୍ତି।

## ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ

ବାଲେଶ୍ୱର, ୫।୧୦(ବାଞ୍ଛାନିଧି ଦେ)- ବାଲେଶ୍ୱର ଟାଉନ ଥାନା ଅଧୀନ ବଟେଶ୍ୱରସ୍ଥିତ ପୋଦ୍ଦାର ମେଡିସିନ୍ ହୋଲସେଲ କାଉଣ୍ଟର ମାଲିକ ମନୋଜ ପୋଦ୍ଦାରଙ୍କୁ ଶନିବାର ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଟାଉନ ଥାନା ପୋଲିସ ୨ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

ଘଟଣାରୁ ପ୍ରକାଶ, ମେଡିସିନ୍ କାଉଣ୍ଟରର ଦୁଇଜଣ କର୍ମଚାରୀ ଟାଉନ ଥାନା ମାକଲପୁର ଅଞ୍ଚଳର ଦେବା ଦତ୍ତ ଓ ଶିବା ଦତ୍ତ ଧାରୁଆ ଅସ୍ତ୍ରରେ ମାଲିକ ମନୋଜଙ୍କୁ ହଠାତ୍ ମରଣାନ୍ତକ ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଛି। ତାଙ୍କ ହାତ ଓ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଆକ୍ରମଣରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗତ ମାସ ଏହି ହୋଲସେଲ କାଉଣ୍ଟରରୁ ଚୋରି ହୋଇଥିବା ସମ୍ପର୍କରେ ମାଲିକ କର୍ମଚାରୀଙ୍କୁ ତାଗିଦ୍ କରିବା ସହ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଆକ୍ରୋଶ ରଖି ଅଭିଯୁକ୍ତଦ୍ୱୟ ମନୋଜଙ୍କୁ ଆକ୍ରମଣ କରିଥିବା ସେ କହିଛନ୍ତି।

## ୯ ପଞ୍ଚାୟତର ୨୨ ଗ୍ରାମରେ ମିଳିଲା ସ୍ୱାସ୍ଥ୍ୟସେବା

### ସୁବର୍ଣ୍ଣରେଖା ପୋର୍ଟ, ଟାଟାଷ୍ଟିଲ୍ ପକ୍ଷରୁ ଭ୍ରାମ୍ୟମାଣ ଜନସ୍ୱାସ୍ଥ୍ୟ ୟୁନିଟ୍

**ବାଲେଶ୍ୱର, ୫।୧୦(ବାଞ୍ଛାନିଧି ଦେ)**



ଏକ ଗାଁରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି।

ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ ଓ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ମିଳିତ ସହଯୋଗରେ ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଞ୍ଚଳରେ ଭ୍ରାମ୍ୟମାଣ ଜନସ୍ୱାସ୍ଥ୍ୟ ୟୁନିଟ୍‌ର ଶୁଭାରମ୍ଭ ହୋଇଛି। ଗୋଷ୍ଠୀ କଲ୍ୟାଣରେ ଉନ୍ନତି ଆଣିବା ପାଇଁ ଜନସାଧାରଣଙ୍କୁ ମାଗଣା ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ଏହାକୁ ବ୍ୟାପକ କରାଯାଇଛି। ଏହି ଭ୍ରାମ୍ୟମାଣ ଜନସ୍ୱାସ୍ଥ୍ୟ ୟୁନିଟ୍ ରାଜ୍ୟର ଦୁର୍ଗମ ଓ ଅନଗ୍ରସର ଅଞ୍ଚଳର ଲୋକଙ୍କ ପାଖରେ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ସହାୟକ ହୋଇଛି। ଏହି ୟୁନିଟରେ ଡାକ୍ତର, ଫାର୍ମାସିଷ୍ଟ, ଏଏନ୍ଏମ୍, ଡାଟା କୋଅର୍ଡ଼ିନେଟର ଓ ଲ୍ୟାବ ଟେକ୍ନିସିଆନଙ୍କ ଏକ ମେଡିକାଲ ଟିମ୍ ରହିଛି। ରକ୍ତଚାପ, ରକ୍ତ ଶର୍କରା, ହିମୋଗ୍ଲୋବିନ ସ୍ତର, ଗର୍ଭଧାରଣ ପରୀକ୍ଷା ଏବଂ ଡେଙ୍ଗୁ, ମ୍ୟାଲେରିଆ, ଥାଇରଏଡ ତଥା ଅନ୍ୟାନ୍ୟ ସାଧାରଣ ରୋଗ ଲାଗି ଏହା ଅତ୍ୟାବଶ୍ୟକ ପରୀକ୍ଷା ସୁବିଧା ଯୋଗାଇ ଦେଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବସ୍ତା ବ୍ଲକ ଅଧୀନ ୯ଟି ପଞ୍ଚାୟତର ୨୨ଟି ଗ୍ରାମରେ ଏହି ସ୍ୱାସ୍ଥ୍ୟୟୁନିଟ୍ ସେବା ପ୍ରଦାନ କରୁଛି। ଉପଷମଠାରୁ ପ୍ରତିଷେଧମୂଳକ ଚିକିତ୍ସା ସୁବିଧା ପ୍ରଦାନ କରିବା ଏହାର ଲକ୍ଷ୍ୟ। ରୋଗର ଆଗୁଆ ଚିହ୍ନଟ ସହ ଚିକିତ୍ସା କରାଯାଉଛି। ବ୍ୟୟବହୁଳ ମେଡିକାଲ୍ ଖର୍ଚ୍ଚ ଓ ଚିକିତ୍ସାକୁ ଏଡ଼ାଇ ଏହା ପରିବାରର ଆର୍ଥିକ ବୋଝ ହ୍ରାସ କରିବାରେ ସହାୟକ ହେଉଛି। ଏହି ଅଭିଯାନରେ ସ୍ୱାସ୍ଥ୍ୟ ସଚେତନତା ଓ ଶିକ୍ଷାକୁ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ବିଚାର କରାଯାଉଛି।

## ଦୁର୍ଗାପୂଜା ପାଇଁ ବାଲିଆପାଳରେ ଶାନ୍ତି କମିଟି ବୈଠକ

ବାଲିଆପାଳ, ୫।୧୦(ଗୋପାଳ ଚନ୍ଦ୍ର ସାହୁ)-ଆସନ୍ତା ଦୁର୍ଗାପୂଜା କିପରି ଶାନ୍ତିଶୃଙ୍ଖଳାରେ ବାଲିଆପାଳ ବ୍ଲକର ସମସ୍ତ ସ୍ଥାନରେ ଯେପରି ଅନୁଷ୍ଠିତ ହେବ ସେନେଇ ଶୁକ୍ରବାର ବାଲିଆପାଳ ବ୍ଲକ ସଭାଗୃହ ପରିସରରେ ବାଲିଆପାଳ ଥାନା ଭାରପ୍ରାପ୍ତ ଅଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଁଙ୍କ ପରିଚାଳନାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା ଏବଂ ତହସିଲଦାର ଜନକ କୁମାର ନାୟକ ଯୋଗଦେଇ ସବୁ ସ୍ଥାନରେ ଚଳିତ ଦୁର୍ଗାପୂଜା ଅନୁଷ୍ଠିତ ହେବା ସହିତ ରାବଣପୋଡି ମଧ୍ୟ ଭଲରେ କରାଯିବ ସେ ଦିଗରେ ପୂଜା କମିଟି କର୍ମକର୍ତ୍ତାଙ୍କ ସହଯୋଗ କାମନା କରିଥିଲେ। ତହସିଲଦାର ନାୟକ ସରକାରଙ୍କ ଦୁର୍ଗାପୂଜା ନିୟମ ବିଷୟରେ ବର୍ଣ୍ଣନା କରିଥିଲେ। ସବୁ ଦିଗରୁ ପୂଜା କମିଟି ସଜାଗ ରହି ପ୍ରଶାସନକୁ ସହଯୋଗ କରି ପୂଜା ସମାପନ କରିବେ ବୋଲି ମଧୁପୁରା ପୂଜା କମିଟି ସଦସ୍ୟ ପ୍ରଫୁଲ୍ଲ ସାହୁ, ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନା, ସମିତି ସଦସ୍ୟ ସୁଶାନ୍ତ ସେଠୀ, ବଡ଼ାପାଳ ପୂଜା କମିଟି ସଦସ୍ୟ ହରେକୃଷ୍ଣ ଜେନା, ରତେଇ କମିଟି ସଦସ୍ୟ ଶ୍ରୀମନ୍ତ ମହାନ୍ତି, ଅଦଭୁତିଆ ପୂଜା କମିଟି ସଦସ୍ୟ ଅନାଦି ଚରଣ ବିଶ୍ୱାଳ, ବଡ଼ାଶ ପୂଜା କମିଟି ସଭାପତି ଚକ୍ରଧର କର ପ୍ରମୁଖ ମତ ରଖିଥିଲେ। ସମସ୍ତ ପୂଜା କମିଟି ପକ୍ଷରୁ ପରିଚୟପତ୍ର ଦିଆଯାଇ ସ୍ୱେଚ୍ଛାସେବୀଙ୍କୁ ରଖିବା ପାଇଁ ଆଇଆଇସି ସ୍ୱାଇଁ ପୂଜା କମିଟି କର୍ମକର୍ତ୍ତାଙ୍କୁ କହିଥିଲେ।

ବାଲିଆପାଳ ବ୍ଲକରେ ୩୦ରୁ ଅଧିକ ସ୍ଥାନରେ ପୂଜା ହେଉଥିବା ଜଣାଯାଇଛି। କେଉଁଠି ଯେପରି ଅପ୍ରୀତିକର ଘଟଣା ନ ଘଟେ ପୋଲିସ ପ୍ରଶାସନ, ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ ସଜାଗ ରହି କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଛନ୍ତି। ସମସ୍ତ ପୂଜା କମିଟି ସଭାପତି ଓ ସମ୍ପାଦକଙ୍କ ସହିତ ଖବରଦାତାମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରିଲିଫ ବଣ୍ଟନରେ ଅନିୟମିତତା ପ୍ରତିବାଦରେ ଧାରଣା



ରିଲିଫ୍ ବଣ୍ଟନରେ ଅନିୟମିତତା ପ୍ରତିବାଦରେ ଧାରଣା।

**କାଳିପଦା, ୫।୧୦(ରାଜଶ୍ରୀ ପାଣିଗ୍ରାହୀ)**

ରିଲିଫ ବଣ୍ଟନର ବ୍ୟାପକ ଅନିୟମିତତା ଅଭିଯୋଗରେ ଜାମକୁଣ୍ଡା ପଞ୍ଚାୟତ ଅଫିସରେ ତାଲା ପକାଇ ୧୫ ନଂ. ୱାର୍ଡ଼ର ଗ୍ରାମବାସୀ ଧାରଣାରେ ବସିଥିଲେ। ବିଗତ ଦିନରେ ସୁବର୍ଣ୍ଣରେଖା ବନ୍ୟାରେ ପ୍ରଭାବିତ ହୋଇଥିବା ବାଲିଆପାଳ ବ୍ଲକରେ ୮ଟି ପଞ୍ଚାୟତରେ ରିଲିଫ ଏବଂ ପଲିଥିନ ବଣ୍ଟନରୁ ବଞ୍ଚିତ କରାଯାଉଥିବା ନେଇ ଜାମକୁଣ୍ଡା ପଞ୍ଚାୟତର ୧୫ ନଂ. ୱାର୍ଡ଼ର ଗ୍ରାମବାସୀ ଅଭିଯୋଗ ଆଣି ସରପଞ୍ଚଙ୍କ ପ୍ରତିନିଧି ଜଗନ୍ନାଥ ମାନ୍ନାଙ୍କୁ ଶନିବାର ଅଟକ ରଖିଥିଲେ। ଏନେଇ ମାନ୍ନା ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଗଣମାଧ୍ୟମକୁ କହିଛନ୍ତି। ଯଥାଶୀଘ୍ର ପଲିଥିନ ପାଇବାକୁ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ବଣ୍ଟନ କରାଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହେଇଛି।

## ବିଦ୍ୟୁତ୍ ତାର ଲାଗି ବୃଦ୍ଧଙ୍କ ମୃତ୍ୟୁ

ଭୋଗରାଇ, ୫।୧୦(ପ୍ରଦୀପ ଦାସ)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କଲ୍ୟାଣପୁର ଗ୍ରାମର ରବୀନ୍ଦ୍ର ସ ନାମକ ବୃଦ୍ଧ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ରବୀନ୍ଦ୍ର ଶନିବାର ସକାଳେ ଗାଈ ଖାଦ୍ୟ ଲାଗି ଅଖା ସହିତ ହାତରେ ଦା ଧରି ନିକଟସ୍ଥ ବିଲକୁ ଯାଉଥିଲେ। ବିଲରେ ଥିବା ବିଦ୍ୟୁତ ସଂଯୋଗ ପମ୍ପ ମେଶିନ ତାର ଓହଳି ପଡ଼ିଥିବାରୁ ଅଜାଣତରେ ବୃଦ୍ଧଜଣକ ସ୍ୱର୍ଶ କରି ତଳେ ପଡିଯାଇ ମୃତ୍ୟୁବରଣ କରିଥିଲେ। ଗ୍ରାମ ଲୋକେ ଜାଣିପାରି ବିଦ୍ୟୁତକାଟ୍ କରିବା ପରେ ବିଲରୁ ବୃଦ୍ଧଙ୍କୁ ସ୍ଥାନୀୟ ହସ୍‌ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ କମର୍ଦ୍ଦା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଜାରି ରଖିଥିବା ବେଳେ ଶବକୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

## ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଦାବି

### କ୍ରମାଗତ ଚିକିତ୍ସାରେ ଅବହେଳା

**ଖଇରା, ୫।୧୦(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଅଧୀନ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ କିଛି ବର୍ଷ ଧରି ରୋଗୀଙ୍କ ଚିକିତ୍ସାରେ ଅବହେଳା ନେଇ ଅଭିଯୋଗ ହୋଇଆସୁଛି। ଦୀର୍ଘଦିନ ଧରି ମେଡିକାଲର ଚିକିତ୍ସାଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଯତ୍ନବାନ ହେଉ ନ ଥିବା କାରଣରୁ ଉପଯୁକ୍ତ ଚିକିତ୍ସା ନ ମିଳିବାର ମୁଖ୍ୟ କାରଣ ବୋଲି କୁହାଯାଉଛି। ବୁଧବାର ରାତି ଓ କିଛିଦିନ ପୂର୍ବର ଘଟଣା ଡାକ୍ତରଙ୍କ ଦାୟିତ୍ୱହୀନତାକୁ ପ୍ରମାଣିତ କରୁଛି। ସ୍ତ୍ରୀରୋଗ ବିଶେଷଜ୍ଞ ପଦବୀ ଥିବା ବେଳେ ଗର୍ଭବତୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ କ୍ଲିନିକକୁ ଅସ୍ତ୍ରୋପଚାର ପାଇଁ ରେଫର କରାଯାଉଥିବା କାରଣରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ରୋଗୀଙ୍କ ଭରସା ରହୁ ନ ଥିବା କୁହାଯାଉଛି। ତୁରନ୍ତ ବିକଳ୍ପ ବ୍ୟବସ୍ଥା କରି ୧୦ବର୍ଷ ଧରି ଦାୟିତ୍ୱରେ ଥିବା ଚିକିତ୍ସାଧିକାରୀଙ୍କ ବଦଳି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ ବୁଧବାର ରାତି ୧୨ଟାରେ ନନ୍ଦୁର ଗ୍ରାମର ଆଦିବାସୀ ଗୋପୀନାଥ ସିଂଙ୍କ ସ୍ତ୍ରୀ ଝୁମୁରୀ ସିଂ(୨୫)ଙ୍କ ଗର୍ଭଯନ୍ତ୍ରଣା ପରେ ଘରେ ଥିବା ଶାଶୁ ମାଳତୀ ସିଂ ତାଙ୍କୁ ଧରି ଖଇରା ଗୋଷ୍ଠୀକୁ ନେଇ ଆସିଥିଲେ। ହେଲେ କରେଣ୍ଟ ନ ଥିବା ଏବଂ ଡିଜି କାମ କରୁ ନ ଥିବା ବାହାନାରେ ତାଙ୍କୁ ମେଡିକାଲରେ ୩ଟା ପର୍ଯ୍ୟନ୍ତ ଅଟକାଇ ରଖାଯାଇଥିଲା। ହେଲେ ୩ଟା ୫ ମିନିଟରେ ଆଉ ପ୍ରସବ ଏଠାରେ ହୋଇପାରିବ ନାହିଁ କହି ସୋର ମେଡିକାଲକୁ ରେଫର କରି ଦେଇଥିଲେ। ସେତେବେଳକୁ ଝୁମୁରିଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇସାରିଥିଲା।

## ୨ଲକ୍ଷ ୧୦ହଜାର ୯୬୩ ଚାଷୀ ହେବେ ଲାଭାନ୍ୱିତ

### ଜିଲାସ୍ତରୀୟ ପି-ଏମ କିଷାନ ଉତ୍ସବ

**ବାଲେଶ୍ୱର, ୫।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଜିଲାସ୍ତରୀୟ ପି-ଏମ କିଷାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଓ ଜିଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ ମଞ୍ଚାସୀନ ଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ଅତିଥିବୃନ୍ଦ ଏବଂ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ମହାରାଷ୍ଟ୍ରର ୱାସିମଠାରୁ ଆଭାସୀ ମାଧ୍ୟମରେ ସିଧାପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲାର ୨ଲକ୍ଷ ୧୦ହଜାର ୯୬୩ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହେବ ବୋଲି ସୂଚନା ଦିଆଯାଇଥିଲା।

## ପିଏମ୍ କିଷାନ ସମ୍ମାନ ନିଧିର କିସ୍ତି ହସ୍ତାନ୍ତର କାର୍ଯ୍ୟକ୍ରମ

ବାଲିଆପାଳ, ୫।୧୦(ଗୋପାଳ ଚନ୍ଦ୍ର ସାହୁ) ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ କୃଷି କାର୍ଯ୍ୟାଳୟରେ ଶନିବାର ମଧ୍ୟାହ୍ନରେ କାର୍ଯ୍ୟାଳୟର ସଭାଗୃହରେ ଦୂରଭାସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦି ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ୧୮ତମ କିସ୍ତି କୃଷକଙ୍କୁ ହସ୍ତାନ୍ତର କରୁଥିବା କାର୍ଯ୍ୟକ୍ରମକୁ ବ୍ଲକ କୃଷି ଅଧିକାରିଣୀ ରଞ୍ଜିତା ପାତ୍ର ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବାଲିଆପାଳ ବ୍ଲକର ବହୁ କୃଷକ ସିଧାସଳଖ କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ପାଇବା ସହିତ ବ୍ୟାଙ୍କ ଆକାଉଣ୍ଟକୁ ୧୮ତମ କିସ୍ତି ଟଙ୍କା ଆସିଥିବାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଦେଇ ଖୁସିମନାଇଥିଲେ। ବାଲିଆପାଳ ବ୍ଲକ ସହକାରୀ କୃଷି ଅଧିକାରୀ ଲଛମନ ଗୁଡ୍ଡୁ, କୃଷି ଓଭରସିୟର କାର୍ତ୍ତିକ ଜେନାଙ୍କ ସହିତ କୃଷି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ରେଳପଥ ଜିଏମ୍‌ଙ୍କ ରୂପ୍‌ସା ଜଙ୍କସନ ପରିଦର୍ଶନ

**ବାଲେଶ୍ୱର, ୫।୧୦(ବାଞ୍ଛାନିଧି ଦେ)**

ଦକ୍ଷିଣ-ପୂର୍ବ ରେଳପଥ ଜେନେରାଲ ମ୍ୟାନେଜର ଅନୀଲ କୁମାର ମିଶ୍ର ଶନିବାର ରୂପ୍ସା ରେଳଜଙ୍କସନ ଓ ଷ୍ଟେଶନ ପରିଦର୍ଶନ କରିଛନ୍ତି। ହାୱଡ଼ା ଗାର୍ଡ଼େନ୍ ରିଚ୍‌ରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଲାଇଟ୍ ଗୁଡସ୍ ଯୋଗେ ଆସି ସେ ରୂପ୍ସା ଜଙ୍କସନରେ ଓହ୍ଲାଇଥିଲେ। ଷ୍ଟେଶନ ମ୍ଯାନେଜର ପେନାଲ ରୁମ୍, ପ୍ଲାଟଫର୍ମ, ଟିକେଟ କାଉଣ୍ଟର, ଯାତ୍ରୀ ବିଶ୍ରାମାଗାର ଆଦି ପରିଦର୍ଶନ କରିଥିଲେ। ଷ୍ଟେଶନରେ ଥିବା ସମସ୍ୟା ସମ୍ପର୍କରେ ଷ୍ଟେଶନ ମ୍ୟାନେଜରଙ୍କୁ ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ଜିଏମ୍ ମିଶ୍ରଙ୍କ ସହ ରେଳ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହାପରେ ଅନ୍ୟ ଏକ ସ୍ୱତନ୍ତ୍ର ଟ୍ରେନ୍ ପିକ୍ ଯୋଗେ ବାଙ୍ଗିରିପୋଷି ଷ୍ଟେଶନ ପରିଦର୍ଶନରେ ଯାଇଥିଲେ। ଅପରାହ୍ନରେ ସେଠାରୁ ଆସି ରୂପସା ରେଳ ଜଙ୍କସନରୁ ସ୍ୱତନ୍ତ୍ର ଟ୍ରେନ୍ ଲାଇଟ୍ ଗୁଡସ୍ ଯୋଗେ ପୁଣି ଗାର୍ଡ଼େନ୍ ରିଚ୍ ପ୍ରତ୍ୟାବର୍ତ୍ତନ କରିଥିଲେ।



ରୂପସା ଜଙ୍କସନ ପରିଦର୍ଶନରେ ଜିଏମ୍‌ଙ୍କ ସହ ରେଳ ବିଭାଗ ଅଧିକାରୀ।

## ବିଦ୍ୟାଳୟରୁ ଚୋରି, ଥାନାରେ ଅଭିଯୋଗ

ସୋର, ୫।୧୦(ଜନ୍ମେଜୟ ମିଶ୍ର)- ସୋର ପୌରପାଳିକା ଅଧୀନ ଖଣ୍ଡାସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ବିଦ୍ୟୁତ ଏବଂ ରୋଷେଇ ସାମଗ୍ରୀ ଚୋରି କରିନେଇଥିବା ଜଣାପଡ଼ିଛି। ଶନିବାର ସକାଳେ ବିଦ୍ୟାଳୟର ସହକାରୀ ଶିକ୍ଷକ କମଳାକାନ୍ତ ଶଙ୍ଖୁଆ ଗେଟ ତାଲା ଖୋଲି ବିଦ୍ୟାଳୟ ଭିତରକୁ ଯିବା ପରେ ବିଦ୍ୟାଳୟର ରୋଷେଇ ଘର କବାଟ ଭଙ୍ଗାଯାଇ ରୋଷେଇ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ସେହିପରି ଶ୍ରେଣୀ ଗୃହରେ ଲାଗିଥିବା ବିଦ୍ୟୁତ ଉପକରଣ ଏବଂ ତାର ମଧ୍ୟ ଚୋରି ହୋଇଥିବା ନେଇ ସ୍କୁଲ ପରିଚାଳନା କମିଟିକୁ ଖବର ଦେଇଥିଲେ। କମିଟି ସଦସ୍ୟମାନେ ପହଞ୍ଚିବା ପରେ ସୋର ପୋଲିସକୁ ଖବର ଦେଇଥିଲେ। ସୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

## କାଗଜପତ୍ର ଯାଞ୍ଚକଲା ବାଲେଶ୍ୱର ଭିଜିଲାନ୍ସ ଟିମ୍

### ମୋ ସ୍କୁଲ ଅଭିଯାନରେ ଦୁର୍ନୀତି

**ଭୋଗରାଇ, ୫।୧୦(ପ୍ରଦୀପ ଦାସ)**



ଭିଜିଲାନ୍ସ ଟିମ୍ ପକ୍ଷରୁ ତଦନ୍ତ କରାଯାଉଛି।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବଗଡ଼ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବାଲେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ୨୦୨୦ ମସିହାରେ ମୋ ସ୍କୁଲ ଅଭିଯାନ ଯୋଜନାରେ ଉକ୍ତ ସ୍କୁଲ ପାଚେରି, ନୂତନ ସ୍କୁଲଗୃହ, ରୋଷେଇ ଗୃହ, ଡାଇନିଂ ଗୃହ, ରଙ୍ଗଦେବା ଆଦି ୬୦ଲକ୍ଷ ଟଙ୍କାର ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗରେ ବାଲେଶ୍ୱର ଭିଜିଲାନ୍ସ ବିଭାଗର ଡିଏସ୍‌ପି ଡ଼େକସେନ ମୁର୍ମୁ ଆକସ୍ମିକ ସ୍କୁଲରେ ପହଞ୍ଚି ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ କାଗଜପତ୍ରକୁ ଯାଞ୍ଚ କରିଥିଲେ। ଏଥିସହିତ ସ୍କୁଲର ସମସ୍ତ କାର୍ଯ୍ୟକୁ ତଦାରଖ କରି ସରକାରୀ ଅର୍ଥର ଅନିୟମିତତା, ସ୍କୁଲର ଅତି ନିମ୍ନମାନର କାର୍ଯ୍ୟ ଓ ପୁରୁଣା ଗୃହକୁ ନୂତନ ରଙ୍ଗ ଦେଇ ଦୁର୍ନୀତି ହୋଇଥିବା ସୁରାକ ମିଳିଛି ବୋଲି ପ୍ରକାଶ କରିଥିଲେ। ସ୍କୁଲର ଏଭଳି ସାଙ୍ଘାତିକ ଅଭିଯୋଗରେ ପୂର୍ବତନ ପ୍ରଧାନ ଶିକ୍ଷକ ଅଶୋକ କୁମାର ସାହୁ ଓ ଆଲୁମିନି ସଭାପତି ବିନୟ ସାହୁ ସମ୍ପୃକ୍ତିକୁ ନେଇ ଚର୍ଚ୍ଚା ଜୋରଧରିଛି। ଅପରପକ୍ଷରେ ଉକ୍ତ ସ୍କୁଲରେ ସରକାରୀ ଅର୍ଥ ଦୁର୍ନୀତିର ଗନ୍ଧ କେବଳ ନୁହେଁ ଅଧିକାଂଶ ସ୍କୁଲରେ ଏଭଳି ସଙ୍ଗୀନ ଅଭିଯୋଗ ହୋଇଥିବାରୁ ସାଧାରଣ ଲୋକେ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି।

## ସଂକ୍ଷେପରେ

### ହୃଦ୍‌ଘାତରେ ଚାଷୀଙ୍କ ମୃତ

ରାମଚନ୍ଦ୍ରପୁର,୫।୧୦ (ଗଣେଶ୍ୱର ସା): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ହରିଡ଼ପାଳ ପଞ୍ଚାୟତ ଟୋଲଙ୍କପଡ଼ା ଗ୍ରାମରେ ଜଣେ ଚାଷୀଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଚାଷୀ ଜଣଙ୍କ ଗ୍ରାମର ଛତିଆନନ୍ଦ ସେଠୀ (୭୨)। ଦୀର୍ଘ ଦିନ ହେବ ମାନସିକ ରୋଗରେ ଆକ୍ରାନ୍ତ ହୋଇ ଆନନ୍ଦପୁର ଚିକିତ୍ସାଳୟ ଓ ପରେ କଟକରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସମୟରେ ମୃତ୍ୟୁ ଘଟିଥିଲା। ସେ ଜଣେ ପରୋପକାରୀ ମଣିଷ ଥିଲେ। ଶେଷ ଦର୍ଶନ ପାଇଁ ତାଙ୍କ ଘର ସମ୍ମୁଖରେ ଲୋକଙ୍କର ଭିଡ଼ ଜମିଥିଲା। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ଯୁବତୀଙ୍କ ଗଳାକାଟି ହତ୍ୟା ଘଟଣା: ଜଣେ ଅଟକ

କେନ୍ଦୁଝର,୫।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ମୁଖ୍ୟାଳୟ ବରାଳ ଲଜ୍ ଗଳିରେ ଶୁକ୍ରବାର ଜଣେ ୨୨ ବର୍ଷୀୟା ଯୁବତୀଙ୍କୁ ହତ୍ୟା ଘଟଣାରେ ଟାଉନ ଥାନା ପୋଲିସ ସନ୍ଦେହରେ ଜଣକୁ ଅଟକ ରଖିଛି। ଘଟଣାରେ ଅଧିକ ତଦନ୍ତ ଚାଲିଥିବା ବେଳେ ପୋଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ପ୍ରକାଶ ଯେ, ଭଦ୍ରକ ବନ୍ତ ଅଞ୍ଚଳର ବାବୁଲି ବେହେରାଙ୍କ ଝିଅ ନିରୁପମା ଘରେ ଏକୁଟିଆ ଥିବାବେଳେ ଦୁର୍ବୃତ୍ତ ଘରେ ପଶି ଅମାନୁଷିକ ଭାବେ ଗଳାକାଟି ହାତ୍ୟା କରିଥିଲେ। ଜିଲାର ମୁଖ୍ୟାଳୟରେ ସ୍ପଷ୍ଟ ଦିବାଲୋକରେ ସହରର ଏକ ବ୍ୟସ୍ତବହୁଳ ଜନବସତି ଅଞ୍ଚଳରେ ଏଭଳି ହତ୍ୟାକାଣ୍ଡ ସହରବାସୀଙ୍କୁ ଭୟଭୀତ କରିଛି।

### ଘର ଭିତରୁ ୨ ମୋବାଇଲ ଚୋରି

ଆନନ୍ଦପୁର,୫।୧୦(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା କଣ୍ଟିପାଳ ପଞ୍ଚାୟତ ବିରିଡିହା ଗ୍ରାମରୁ ଜଣଙ୍କ ଘରେ ପଶି ଦୁର୍ବୃତ୍ତ ୨ ମୋବାଇଲ ଚୋରି କରିନେଇଛନ୍ତି। ଘର ମାଲିକ ମଳୟ ସାହୁଙ୍କ ଘର ଛାତ ଉପରକୁ ଚଢି ସିଡିଘର ଦେଇ ଦୁର୍ବୃତ୍ତ ୨ଟି ମୋବାଇଲ ନେଇଥିବା ଜଣାପଡ଼ିଛି। ସକାଳୁ ଜାଣିବା ପରେ ମଳୟ ଆନନ୍ଦପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ଆନନ୍ଦପୁର ପୋଲିସ ପହଞ୍ଚି ତଦନ୍ତ କରୁଛି।

### ଭାଜପା ଯୁବମୋର୍ଚ୍ଚାର ସଦସ୍ୟତା ଅଭିଯାନ

ଆନନ୍ଦପୁର,୫।୧୦(ଉମେଶ ଚନ୍ଦ୍ର ପାଢ଼ୀ): କେନ୍ଦୁଝର ଜିଲା ଆନନ୍ଦପୁର ଭାରତୀୟ ଯୁବମୋର୍ଚ୍ଚା କେନ୍ଦୁଝର ଶାଖା ପକ୍ଷରୁ ସଦସ୍ୟତା ଅଭିଯାନକୁ ଜୋରଦାର କରାଯାଇଛି। ଅଭିଯାନରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଦେଶ ପାଇଁ ଭାଜପା ହୁଅକୁ ନେଇ ନୂତନ ଭୋଟରଙ୍କୁ ସଦସ୍ୟତା କରାଯିବା ସହିତ ଭାଜପାରେ ଯୋଡ଼ି ହେବା ପାଇଁ ଯୁବମୋର୍ଚ୍ଚା ପକ୍ଷରୁ ଅଭିଯାନକୁ ଜୋରଦାର କରାଯାଇଛି। ଅଭିଯାନରେ ସଞ୍ଜୟ ବାରିକ, ତପନ ପାତ୍ର, ସଚିନ ମଲିକ, ପ୍ରିୟବ୍ରତ ସାହୁ, କାଉନ୍‌ସିଲର ପାର୍ଥ ସୁଦର୍ଶନ ବେହେରା ପ୍ରମୁଖ ଉପସ୍ଥିତ ରହି ସଦସ୍ୟତା ଅଭିଯାନକୁ ଆଗେଇ ନେଇଥିଲେ।

# ୧,୭୨,୨୭୧ ଚାଷୀଙ୍କ ଖାତାକୁ ଗଲା ସହାୟତା ରାଶି

## ପିଏମ୍ କିଷାନ ସମ୍ମାନ ନିଧିର କିସ୍ତି ପ୍ରଦାନ



ଏମ୍‌ପି ଅନନ୍ତ ନାୟକ, ଜିଲାପାଳ ବିଶାଳ ସିଂ ଓ ଅତିରିକ୍ତ ଜିଲାପାଳ ଆଲୋକ ପ୍ରଧାନ।

କେନ୍ଦୁଝର,୫।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ମହାରାଷ୍ଟ୍ରର ୱାସିମ ସହରଠାରେ ଆୟୋଜିତ ପିଏମ କିଷାନ ଉତ୍ସବ ସମାରୋହରେ ଦେଶର ୯ କୋଟି ୪୦ ଲକ୍ଷ ଚାଷୀଙ୍କୁ ୨୦ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ ଜିଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇ ଜିଲାର ୧, ୭୨, ୨୭୧ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହୋଇଛି। କାର୍ଯ୍ୟକ୍ରମରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଜିଲାପାଳ ବିଶାଳ ସିଂହ ଓ ଅତିରିକ୍ତ ଜିଲାପାଳ ଆଲୋକ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଜିଲାର ସମସ୍ତ ଚାଷୀ ମହାରାଷ୍ଟ୍ର ୱାସିମଠାରୁ ଆଭାସୀ ମାଧ୍ୟମରେ ସିଧାପ୍ରସାରଣ ହୋଇଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ। ଜିଲାସ୍ତରୀୟ ଉତ୍ସବରେ ଉପସ୍ଥିତ ଏମ୍‌ପି ଯୋଜନାର ଲାଭାର୍ଥି କୃଷକଙ୍କୁ ଚାଷ କାମକୁ ଉତ୍ତମ ପଦ୍ଧତି ଏବଂ ଆଧୁନିକ ଅଧିକ ଫସଲ ଅମଳ ପ୍ରଣାଳୀ ଅବଲମ୍ବନ ପାଇଁ ଉତ୍ସାହିତ କରିଥିଲେ। ସମସ୍ତ କୃଷକ କଲ୍ୟାଣକାରୀ ଯୋଜନାରେ ଅଧିକରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ଯୋଡ଼ିବା ପାଇଁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କେନ୍ଦୁଝରର ୧୭୨୨୭୧ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହୋଇଛି। କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଚନ୍ଦ୍ରଶେଖର ରଥ, ସମବାୟ ସମିତି ଉପ ନିବନ୍ଧକ ଶୁଭ୍ରକାନ୍ତି ଟୁଙ୍ଗା ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଅଶୋକ ସେନାପତି, ଅତିରକ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ତଥା ମୃତ୍ତିକା ରସାୟନ ବିଜ୍ଞାନୀ ରବୀନ୍ଦ୍ର ସାହୁ, ଜିଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ହିରାଲାଲ ମହାଲିକ ଓ ପିଏମ କିଷାନ ସମ୍ମାନ ନିଧି ଲାଭାର୍ଥି କୃଷକ ଭଉଣୀଭାଇମାନେ ଉପସ୍ଥିତ ଥିଲେ।

### ପାଟଣାରୁ ୧୬,୪୮୩ ଚାଷୀ ପାଇବେ ସହାୟତା

ପାଟଣା,୫।୧୦(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ଶନିବାର ପିଏମ୍ କିଶାନ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାରାଷ୍ଟ୍ରର ୱାସିମରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପିଏମ କିଶାନ ସମ୍ମାନ ନିଧି ଯୋଜନାରେ ୧୮ତମ କିସ୍ତି ହସ୍ତାନ୍ତର କାର୍ଯକ୍ରମକୁ ୫୦ ଜଣ ପିଏମ୍ କିଶାନ ହିତାଧିକାରୀ ଦେଖିଥିଲେ। ୧୮ତମ କିସ୍ତିରେ ପାଟଣା ବ୍ଲକ୍‌ର ହାରାହାରି ୧୬,୪୮୩ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୩ କୋଟି ୨୯ ଲକ୍ଷ ଟଙ୍କା ଯିବ ବୋଲି ଜଣାପଡ଼ିଛି। କାର୍ଯକ୍ରମକୁ ବ୍ଲକ୍ କୃଷି ଅଧିକାରୀ ବର୍ଷା ବୈଶାଳୀଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥିଭାବେ ଏମ୍‌ପିଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଲେଇ ପ୍ରମୁଖ ଯୋଗଦେଇଥିଲେ। ଏଥିରେ କୃଷି ଓ ଆନୁସଙ୍ଗିକ ବିଭାଗର ଏ ବିଡ଼ିଓ ଚିତ୍ତରଞ୍ଜନ ନାୟକ, ଅତିରିକ୍ତ ତହସିଲଦାର ଶରଣ ଜେନା, ଅତିରିକ୍ତ ପଶୁଧନ ଅଧିକାରୀ ଡାକ୍ତର ରାଜେଶ ଜେନା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ତପନ ସେଠୀ, ସହକାରୀ ଯନ୍ତ୍ରୀ ଜଳସେଚନ ନିଗମ ବୁଧୁରାଇ ସାମାଡ଼, ଆନନ୍ଦ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ କୃଷିର ଅଧିକାରୀ ପରେଶ ଦାଶ ସଂଯୋଜନା କରିଥିଲେ। ଦୁର୍ଗାଚରଣ ତ୍ରିପାଠୀ, ଅଭୟ ରାଉତ, ଧରଣୀଧର କିଷାନ, ବୀରଭଦ୍ର ନାୟକ, ଗଙ୍ଗାଧର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# 'ସୁରଭି ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରେ'

ପାଟଣା,୫।୧୦(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗୁରୁବାର ସନ୍ଧ୍ୟାରେ ମୁଖ୍ୟାଳୟ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ତହସିଲଦାର ଲୀଳାବତୀ ନାୟକ, ମୁଖ୍ୟ ବକ୍ତାଭାବେ ଏବିଡିଓ ତଥା ଜଣାଶୁଣା କବି ଚିତ୍ତରଞ୍ଜନ ନାୟକ ଯୋଗଦେଇ ସୁରଭି ଲୁକ୍କାୟିତ ଶିଶୁ ପ୍ରତିଭାକୁ ପ୍ରସ୍ଫୁଟିତ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷ ଇଞ୍ଜିନିୟର ବିଦ୍ୟାଧର ଦାଶ, ସାମାଜିକ କର୍ମୀ ଅଜୟ ଦାଶ, ଖବରଦାତା ନୃସିଂହନାଥ ସିଂହ, ଶିକ୍ଷାବିତ୍ ଧରଣୀଧର ଦାସ ପ୍ରମୁଖ ଯୋଗଦେଇ ସଫଳ ହୋଇଥିବା କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ପାର୍ଥସାରଥୀ ବେଜ ସଂଯୋଜନା କରିଥିଲେ। ପାଟଣା ବ୍ଲକ୍ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ୨୫୦ ଛାତ୍ରୀଛାତ୍ର ସାଧାରଣ ଜ୍ଞାନ, ବକ୍ତୃତା, ଚିତ୍ରାଙ୍କନ, ତର୍କ, ସୁନ୍ଦର ହସ୍ତାକ୍ଷର ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କେନ୍ଦେଇପଶି ଆଦର୍ଶ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ଦେବାଂଶି ଦାଶ ସୃଜନଶୀଳ ଲିଖନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ ନେତା କମଳା କାନ୍ତ ପତି, ବୀର ମୋହନ ଦ୍ୱିବେଦୀ, ଶିକ୍ଷକ ଜ୍ୟୋର୍ତିମୟ ତ୍ରିପାଠୀ, ପ୍ରମୋଦ ମହାନ୍ତ, ସନ୍ତୋଷ ନାଏକ, ବିଭୀଷଣ ଦଳ ଦସିଆ ପ୍ରମୁଖ ପରିଚାଳନା କରିଥିଲେ।

# ୩୩ ୟୁନିଟ୍ ରକ୍ତ ସଂଗୃହୀତ




ରକ୍ତଦାତାଙ୍କ ନିକଟରେ ରେଡକ୍ରସ ସ୍ୱେଚ୍ଛାସେବୀ ଓ ଡାକ୍ତର।

ଯୋଡ଼ା,୫।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରରୁ ମୋଟ୍ ୩୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମକୁ କଲେଜର ଅଧ୍ୟକ୍ଷା ଜୟଶ୍ରୀ ମହାନ୍ତି ଉଦ୍‌ଘାଟନ କରିବା ସହିତ ଶିବିରକୁ ତଦାରଖ କରିଥିଲେ। ଯୋଡ଼ା ଉପ-ନଗରପାଳ ସନ୍ଧ୍ୟାରାଣୀ ପାତ୍ର ଶିବିର ପରିଦର୍ଶନ କରିବା ସହିତ କଲେଜରେ ଛାତ୍ରୀଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ। କଲେଜର +୨ ଓ +୩ ଶ୍ରେଣୀର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ୍‌ର ସ୍ୱେଚ୍ଛାସେବୀ ଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ +୨ ଓ +୩ ଶ୍ରେଣୀର ଦୁଇ ସେବା ଯୋଜନା ଅଧିକାରିଣୀ ଅଧ୍ୟାପିକା ଶୁଚିସ୍ମିତା ସିଂ ଓ ଅଧ୍ୟାପିକା ସୁମନପ୍ରଭା ତିର୍କୀ ଏବଂ ଯୁବ ରେଡ କ୍ରସ ଓ ରେଡ ରିବନ କ୍ଲବ୍ ଦାୟିତ୍ୱରେ ଥିବା ଅଧ୍ୟାପିକା ଐଶ୍ୱର୍ଯ୍ୟାମୟୀ ପାତ୍ର ଓ ଅଧ୍ୟାପକ ପବିତ୍ର ମୋହନ କର ସହଯୋଗ କରିଥିଲେ। କେନ୍ଦୁଝର ବ୍ଲଡ୍ ବ୍ୟାଙ୍କ ତରଫରୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଚନ୍ଦନ ବାରିକ, କେନ୍ଦୁଝର ବ୍ଲଡ୍ ବ୍ୟାଙ୍କର ନର୍ସିଂ ଅଫିସର ମୀନତି ପଣ୍ଡା, ଲ୍ୟାବ ଟେକ୍ନିସିଆନ କାନନ ପାତ୍ର, ବିଭୁ ପ୍ରସାଦ ନାଏକ ଓ ଲ୍ୟାବ ଆଟେଣ୍ଡାଣ୍ଟ ସଙ୍କର୍ଷଣ ନାଏକ ପରିଚାଳନା କରିଥିଲେ। ଶିବିରକୁ ସଫଳ କରିବା ପାଇଁ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଆକୁଣ୍ଠ ସହଯୋଗ କରିଥିଲେ।

# ଫ୍ରେଣ୍ଡସ୍ କ୍ଲବ୍ ଭସାଣିରେ ସହର ଦୁଲୁକିଲା



ଭାସାଣି ଉତ୍ସବରେ ସାମିଲ ହୋଇଥିବା ମେଢ଼।

ଆନନ୍ଦପୁର,୫।୧୦(ସୁଶାନ୍ତ କୁମାର ସାହୁ)

### ଗଣେଶ ପୂଜା ଭସାଣି

କେନ୍ଦୁଝର ଜିଲା ଆନନ୍ଦପୁର ସହରର ଗଣେଶ ଭସାଣି ଉତ୍ସବର ଶେଷ ଦିନରେ ଫ୍ରେଣ୍ଡସ୍ କ୍ଲବ୍ ଗଣେଶ ଭସାଣି ଅନୁଷ୍ଠିତ ହୋଇଯାଇଛି। ପାରମ୍ପାରିକ ନୃତ୍ୟଗୀତ ସହ ମେଲୋଡ଼ି, ବ୍ୟାଣ୍ଡର ତାଳେ ତାଳେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ରଙ୍ଗବେରଙ୍ଗର ଆଲୋକମାଳାରେ ଭସାଣି ମେଢ଼ର ସାଜସଜା କରାଯାଇଥିବାବେଳେ ନୃତ୍ୟଗୀତରେ ସହର ଦୁଲୁକିଥିଲା। ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ତେବେ ସହରର ଗୋଟିଏ ମେଢ଼ ପ୍ରଶାସନର ନିର୍ଦ୍ଧାରିତ ତାରିଖରେ ଭସାଣି କରିପାରିନାହିଁ। ତେବେ କେଉଁ କାରଣରୁ ଭସାଣି ଅନୁଷ୍ଠିତ ହୋଇନାହିଁ ଏବଂ ପୁନର୍ବାର ଅନ୍ୟ ତାରିଖ ପାଇଁ ଆବେଦନ କରିବା ଘଟଣା ଏବେ ଚର୍ଚ୍ଚାର ପରିସରକୁ ଆସିଛି। ତେବେ ପାରମ୍ପାରିକ ଭସାଣିକୁ ନିର୍ଦ୍ଧାରିତ ତାରିଖରେ କରିପାରି ନ ଥିବା କ୍ଲବ୍ ପାଇଁ ବିବାଦ ସୃଷ୍ଟି ହୋଇଛି। କ୍ଲବ୍ ପକ୍ଷରୁ ଅନ୍ୟ ଏକ ତାରିଖରେ ଭସାଣି କରିବାକୁ ଉପଖଣ୍ଡ ପ୍ରଶାସନ ଉପରେ ରାଜନୈତିକ ଚାପଠାରୁ ଆରମ୍ଭ କରି ବାଲି ମାଫିଆଙ୍କ ଚାପ ସୃଷ୍ଟି କରାଯାଉଥିବା ଚର୍ଚ୍ଚାକୁ ଆସିଛି। ଘଟଣା ସମ୍ପର୍କରେ ଆନନ୍ଦପୁର ଉପ ଜିଲାପାଳ ଫାଲଗୁନି ମାଝୀଙ୍କୁ ପଚାରା ଯିବାରୁ ଧାର୍ଯ୍ୟ ତାରିଖରେ ଭସାଣି କରି ନ ଥିବା କ୍ଲବ୍‌କୁ ପୁନର୍ବାର ଆଉ ଏକ ତାରିଖ ଦେବା ସମ୍ଭବ ନୁହେଁ ବୋଲି ପ୍ରକାଶ କରିଛନ୍ତି।

### ଓଡ଼ିଆ ସ୍ୱାକ୍ଷର ସଙ୍କଳ୍ପ ଦିବସରେ ବିଷ୍ଣୁ ସମ୍ବର୍ଦ୍ଧିତ

ଆନନ୍ଦପୁର,୫।୧୦(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ପୌରାଞ୍ଚଳ ୫ ନଂ. ୱାର୍ଡ ବାସିନ୍ଦା ଡ଼ା ବିଷ୍ଣୁ ପ୍ରାସାଦ ଗୁରୁ ଓଡ଼ିଆ ସ୍ୱାକ୍ଷର ସଙ୍କଳ୍ପ ଦିବସ ଅବସରରେ ସମ୍ବର୍ଦ୍ଧିତ ହୋଇଛନ୍ତି। କଟକସ୍ଥିତ ଶତାବ୍ଦୀ ଭବନଠାରେ ନୀଳଶୈଳ ରାଜ କିଶୋର ରାଜ ସ୍ମୃତି ସଂସଦ ଓ ବିଶ୍ୱ ଓଡ଼ିଆ ସମ୍ମିଳନୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସଙ୍କଳ୍ପ ଦିବସ ଅବସରରେ ତାଙ୍କ କୃତୀତ୍ୱ ପାଁ ଅତିଥି ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଷ୍ଣୁ ପ୍ରାସାଦ ଜ୍ୟୋତିଷ ଶାସ୍ତ୍ର, ବସ୍ତୁ ଶାସ୍ତ୍ର, ଜଗନ୍ନାଥ ସଂସ୍କୃତି ଉପରେ ଗବେଷଣା କରି ସନାତନ ଧର୍ମର ଜଣେ ପ୍ରବକ୍ତା ଭାବେ ବେଶ ପରିଚୟ ଲାଭ କରିଛନ୍ତି। ଏ ନେଇ ଆନନ୍ଦପୁରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଓ ପ୍ରଂଶସାର ସୁଅ ଛୁଟିଛି।

# ନୂତନ ସେବା ସମବାୟ ସମିତି ପାଇଁ ବାଟ ଫିଟିଲା

**ରାମଚନ୍ଦ୍ରପୁର, ୫।୧୦ (ଗଣେଶ୍ୱର ସା):** କେନ୍ଦୁଝର ଜିଲା ଆନନ୍ଦପୁର ତହସିଲ ଅଧୀନସ୍ଥ ବେଲବାହାଲିରେ ଏକ ନୂତନ ସେବା ସମବାୟ ସମିତି ନିର୍ମାଣ କରିବାକୁ ଦାବି ହୋଇଆସୁଥିଲା। ଆଜି ସେଥି ପାଇଁ ବାଟ ଫିଟିଛି। ଏଥି ନିମନ୍ତେ ସ୍ଥାନ ଚିହ୍ନଟରେ ସମସ୍ୟା ରହିଥିବା ବେଳେ ପୁରୁଣା ସମିତି ଥିବା ସ୍ଥାନରେ ନୂତନ ସମବାୟ ସମିତି ନିର୍ମାଣ ହେବ ବୋଲି ପ୍ରସ୍ତାବ ଆଗତ ହୋଇଛି।

ସୂଚନା ଅନୁଯାୟୀ, ସମବାୟ ସମିତିର ସ୍ଥାନ ନିରୂପଣ ପାଇଁ ଆନନ୍ଦପୁର ତହସିଲ ଅଫିସରେ ଆବେଦନ କରାଯାଇଥିଲା। ବର୍ତ୍ତମାନ ଯେଉଁ ସ୍ଥାନରେ ସମବାୟ ସମିତି ଅଛି ସେହି ଜାଗାର ପଟ୍ଟା ପାଇଁ ସମିତିର ସମ୍ପାଦକ ତହସିଲରେ ଆବେଦନ କରିଥିଲେ। ଉକ୍ତ ସ୍ଥାନଟିକୁ ତହସିଲଦାର ତଦନ୍ତ କରି ପୂର୍ବରୁ ଏହି ଜାଗା ଗ୍ରୀନଗୋଲା ନାମରେ ଥିବା ଅନୁଧ୍ୟାନ କରିଥିଲେ। ତହସିଲ ତରଫରୁ ଏହି ଜାଗା ଉପରେ କାହାର ଅଭିଯୋଗ ଅଛି କି ବୋଲି ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ସରପଞ୍ଚ ଦୀପ୍ତି ସାହୁ ସମବାୟ ସମିତିକୁ ଯାଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବା ଗୃହ ପରିଦର୍ଶନ କରିଥିଲେ। ସେବା ସମିତି ଓ ଚାଷୀଙ୍କ ଉନ୍ନତୀକୁ ଦୃଷ୍ଟିରେ ରଖି ଆବଶ୍ୟକ ଫର୍ମରେ ଦସ୍ତଖତ କରିବା ସହ ପଞ୍ଚାୟତରେ କୌଣସି ଅଭିଯୋଗ ନାହିଁ ବୋଲି ସମିତିର ସମ୍ପାଦକଙ୍କୁ କହିଥିଲେ। ସେବା ସମବାୟ ସମିତି ନାମରେ କିପରି ପଟ୍ଟା ହେବ। ଶୀଘ୍ର ଆର୍ଥିକ ଅନୁଦାନ ଆସିପାରିବ ସେ ନେଇ ତହସିଲଦାର ଓ ଉପରିସ୍ଥ ଅଧିକାରୀଙ୍କ ସହ ସରପଞ୍ଚ ଆଲୋଚନା କରିଥିଲେ।

# ଅସ୍ୱାଭାବିକ ଭାବେ ବଢୁଛି ପେଟ

- ଚିକିତ୍ସାରେ ଅର୍ଥ ବାଧକ
- ଭେଣ୍ଡିଆ ପୁଅ ଚିନ୍ତାରେ ବାପା

ଚମ୍ପୁଆ,୫।୧୦(ମହେଶ୍ୱର ଦାସ)



ରାଜେଶ ମହାକୁଡ।

ମାଟ୍ରିକ ପାସ୍ ପରେ ଉଚ୍ଚଶିକ୍ଷା ଲାଭକରି ପରିବାର ବୋଝ ମୁଣ୍ଡାଇବାକୁ ଚିନ୍ତା କରିଥିଲେ। ମାତ୍ର ଅଜଣା ରୋଗ ସବୁ ସ୍ୱପ୍ନ ଭାଙ୍ଗିଦେଇଛି। ଅସ୍ୱାଭାବିକ ଭାବେ ପେଟ ବଢୁଥିବାରୁ ଏବେ ନିଜେ ପରିବାରର ବୋଝ ପାଲଟିଛନ୍ତି କେନ୍ଦୁଝର ଜିଲା ଚମ୍ପୁଆ ଜାମୁଦଲକ ପଞ୍ଚାୟତର ଈଶ୍ୱର ମହାକୁଡ଼ଙ୍କ ପୁଅ ରାଜେଶ(୨୮)। ତାଙ୍କ ଚିକିତ୍ସା ପାଇଁ ଈଶ୍ୱରଙ୍କ ପାଖରେ ସମ୍ବଳ ନ ଥିବାରୁ ସହାୟତା ପାଇଁ ନିବେଦନ କରିଛନ୍ତି।

ପ୍ରକାଶ ଯେ, ୨୦୧୧ରେ ମାଟ୍ରିକ ପାସ୍ କରିବା ପରେ ରାଜେଶଙ୍କ ପେଟ ଧୀରେ ଧୀରେ ବଢ଼ିବାରେ ଲାଗିଥିଲା। ଈଶ୍ୱର ସଞ୍ଚିତ ଅର୍ଥରେ ବିଭିନ୍ନ ଡାକ୍ତରଖାନାକୁ ନେଇ ଦେଖାଇଥିଲେ। କିଛି ଫଳ ମିଳି ନ ଥିଲା। ୨୦୧୬ ବେଳକୁ ପେଟ ଅଧିକ ବଢ଼ିବାରେ ଲାଗିଲା। ଏବେ ପେଟ ଅସ୍ୱାଭାବିକ ଭାବେ ବଢ଼ିଯାଇଛି। ଅଳ୍ପ ଆହାର ଗ୍ରହଣ କରୁଥିବା ରାଜେଶ ପରିସ୍ରାଜନିତ କଷ୍ଟ ପାଉଥିବା ବେଳେ ଶରୀରର ଗତିବିଧି ବଡ଼ ପେଟ ପାଇଁ ସ୍ଥିର ହେବାକୁ ଲାଗିଛି। ଉଠାବସା ଓ ଚଲାବୁଲା ପାଇଁ ଅନେକ କଷ୍ଟ ସହିବାକୁ ପଡୁଛି। ଈଶ୍ୱର ଦିନ ମଜୁରିଆଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଅର୍ଥ ଅଭାବରୁ ପୁଅର ଉନ୍ନତ ତଥା ଆଧୁନିକ ଚିକିତ୍ସା କରିପାରୁନାହାନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସ୍ୱାସ୍ଥ୍ୟବୀମା କାର୍ଡ ଥିଲେ ହେଁ ଗାଡ଼ି ଭଡ଼ାକରି ମେଡିକାଲକୁ ନେବା ବି ତାଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ଈଶ୍ୱର କହିଛନ୍ତି। ସହୃଦୟ ବ୍ୟକ୍ତି ଓ ପ୍ରଶାସନ ସହାୟତା ମିଳିଲେ ପୁଅର ଚିକିତ୍ସା କରାଇପାରିବେ ବୋଲି ସେ କହିଛନ୍ତି।

# ଆଇନ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ ପରାମର୍ଶ

## ସତ୍ୟନାରାୟଣ ବିଦ୍ୟାପୀଠରେ ଆଇନ ସଚେତନତା କର୍ମଶାଳା

ଢେଙ୍କିକୋଟ,୫।୧୦(ନୀଳମଣି ମଣ୍ଡଳ)




ବୈଠକରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଝର ଜିଲା ଢେଙ୍କିକୋଟ ସରକାରୀ ଉଚ୍ଚ ବିଦ୍ୟାଳୟ ସତ୍ୟନାରାୟଣ ବିଦ୍ୟାପୀଠ ପରିସରରେ ଶୁକ୍ରବାର ଜିଲା ଲିଗାଲ ସର୍ଭିସ ଅଥରେଟି ତରଫରୁ ଏକ ଆଇନ ସଚେତନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଫକିରଚରଣ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଜିଲା ଲିଗାଲ ସର୍ଭିସ ଅଥରେଟିର ସମ୍ପାଦିକା ଜଜ ମିନା ବେହେରା ଯୋଗଦେଇ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ବିଭିନ୍ନ ଆଇନ ବିଷୟରେ ସଚେତନ କରିଥିଲେ। ମୁଖ୍ୟ ବକ୍ତାଭାବେ ଯୋଗଦେଇଥିବା ଘଟଗାଁ ପୋଲିସ ଏସ୍‌ଡିପିଓ ପ୍ରଭାତ ତ୍ରିପାଠୀ ମଧ୍ୟ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଆଇନ ବିଷୟରେ ଆଲୋକପାତ କରିଥିଲେ। ପିଲାମାନେ ଦେଶର ଭବିଷ୍ୟତ ଆଉ ଭବିଷ୍ୟତକୁ ନେଇ ଦେଶ ନିର୍ଭର କରୁଛି। ତେଣୁ ଥାନା ପୋଲିସ କହିଲେ ଗ୍ରାମାଞ୍ଚଳ ଓ ଛାତ୍ରୀଛାତ୍ରଙ୍କ ମନରେ ଭୟ ସୃଷ୍ଟି ହୋଇଥାଏ। ମାତ୍ର ତାହା ଭୁଲ, ନିର୍ଭୟରେ ଥାନା ଯାଇ କୌଣସି ଅଭିଯୋଗ କରିବାରେ ଅସୁବିଧା ନାହିଁ। ସମାଜରେ ବର୍ତ୍ତମାନ ଛୋଟ ପିଲାମାନଙ୍କ ଉପରେ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟକଳାପ ଘଟୁଛି। ପିଲାମାନେ ନିର୍ଭୟରେ ପ୍ରକାଶ କରିପାରିବେ, ସେମାନଙ୍କ ନାମ ଗୋପନରେ ରଖାଯିବ ବୋଲି କହିଥିଲେ। ବିଦ୍ୟାଳୟରେ ଆଇନ ସମ୍ବନ୍ଧୀୟ ଶିକ୍ଷା ଦେବା ପାଇଁ ଶିକ୍ଷକଙ୍କୁ କହିଥିଲେ। ପାଠ ସାଙ୍ଗକୁ ସାଠ ମଧ୍ୟ ଆବଶ୍ୟକ। ସାଧାରଣ ଜ୍ଞାନରେ ଛାତ୍ରୀଛାତ୍ର ଆଗେଇବା ଆବଶ୍ୟକ। ଶେଷରେ ଶିକ୍ଷୟିତ୍ରୀ ତୃପ୍ତିଶୋଭା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ୮ ବର୍ଷ ପରେ ଘରକୁ ଫେରିଲେ ଯୁବକ

- ପରିବାରକୁ ଏକାଠିକଲା 'ଡିଏମ୍‌ଏଫ୍ ଆଶ୍ରୟ'
- ୨୦୧୬ରେ କଟକରୁ ନିରୁଦ୍ଦିଷ୍ଟ ହୋଇଥିଲେ

କେନ୍ଦୁଝର,୫।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)



ଯୁବକଙ୍କ ସହ ତାଙ୍କ ମା' ଓ ଡିଏମ୍‌ଏଫ୍ ଆଶ୍ରୟ ଟିମ୍ ସଦସ୍ୟ।

କେନ୍ଦୁଝର ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ଏବଂ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ମିଳିତ ସହଯୋଗରେ କାର୍ଯ୍ୟ କରୁଥିବା ଡିଏମ୍‌ଏଫ୍ ଆଶ୍ରୟ ଟିମ୍ ଦ୍ୱାରା ଦୀର୍ଘ ୮ ବର୍ଷ ପରେ ଢେଙ୍କାନାଳ ଅଞ୍ଚଳର ଜଣେ ଯୁବକ ନିଜ ପରିବାର ସହ ମିଶିଛନ୍ତି। ୨୦୧୬ରେ ନିଖୋଜ ହୋଇଥିବା ଯୁବକ ବାଂଶପାଳ ଜଙ୍ଗଲରେ ଜୀବନ ବିତାଉଥିଲେ। ଆଶ୍ରୟ ଟିମ୍ ଦ୍ୱାରା ଉଦ୍ଧାର କରାଯାଇ ଚିକିତ୍ସା କରାଯାଇଥିଲା। ପାର୍ବଣ ସମୟରେ ହଜିଯାଇଥିବା ପୁଅକୁ ଫେରିପାଇ ଯୁବକଙ୍କ ମା' ଏବଂ ପରିବାର ବର୍ଗ ଖୁସିରେ ଆତ୍ମହରା ହୋଇଛନ୍ତି।

ସୂଚନାଯୋଗ୍ୟ, ମାନସିକ ରୋଗରେ ପୀଡ଼ିତ ଥିବା ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ୍ କନ୍ତିମିଲି ପଞ୍ଚାୟତର ସ୍ୱର୍ଗତ ସପନ ନାଏକଙ୍କ ପୁଅ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ୨୦୧୬ରେ ସେ ମେଡିକାଲ ପରିସରରୁ ନିରୁଦ୍ଦିଷ୍ଟ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ ତାଙ୍କୁ ପାଇ ନ ଥିଲେ। ନିକଟରେ ବାଂଶପାଳ ଅଞ୍ଚଳରୁ ଜଣେ ମାନସିକ ବିକାରଗ୍ରସ୍ତ ଯୁବକ ୨ ବର୍ଷ ଧରି ସ୍ଥାନୀୟ ଜଙ୍ଗଲରେ ରହି ଆସୁଥିବା ଖବର ପାଇ ଡିଏମ୍‌ଏଫ୍ ଆଶ୍ରୟ ଟିମ୍ ଗତ ଜୁନ୍ ୮ରେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସେମାନେ ଯୁବକଙ୍କୁ 'ଟାର୍ଜନ' ବୋଲି ଡାକୁଥିଲେ। ଯିଏ ଯାହା ଦେଉଥିଲା ସେ ଖାଉଥିଲେ। ଉଦ୍ଧାର ପରେ ଡିଏମ୍‌ଏଫ୍ ଆଶ୍ରୟର ସଦସ୍ୟ ତାଙ୍କୁ ପ୍ରଥମେ ନୟାକୋଟ ଥାନା ନେବା ସହ ସେଠାରେ ଆଶୁ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଡିଏମ୍‌ଏଫ୍ ଆଶ୍ରୟକୁ ନିଆଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ହେବାସହ ନିଜ ପରିବାର ଏବଂ ଘର ଠିକଣା କହିଥିଲେ। ପରେ ଡିଏମ୍‌ଏଫ୍ ଆଶ୍ରୟର ସଦସ୍ୟ ଢେଙ୍କାନାଳ ବାଲିମି ଥାନା ସହ ସମ୍ପର୍କ କରି ପରିବାର ଲୋକଙ୍କ ସହିତ ଯୋଗାଯୋଗ କରିଥିଲେ। ଶୁକ୍ରବାର ଯୁବକଙ୍କୁ ନେବା ପାଇଁ ତାଙ୍କ ପରିବାର ଲୋକ ଆସି ପହଞ୍ଚିଥିଲେ। ମା' ପୁଅକୁ ଚିହ୍ନିବା ପରେ ତାଙ୍କୁ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ୧୭ ମାସ ପୂର୍ବରୁ ଆରମ୍ଭ ହୋଇଥିବା 'ଡିଏମ୍‌ଏଫ୍ ଆଶ୍ରୟ' ରାଜ୍ୟ ଭିତରର ୪୦ ଜଣଙ୍କୁ ଓ ରାଜ୍ୟ ବାହାରର ୩ ଜଣଙ୍କୁ ସୁସ୍ଥ ଅବସ୍ଥାରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିସାରିଥିବା ପ୍ରକଳ୍ପ ସଂଯୋଜକ ଜଟାଧାରୀ ସାହୁ ସୂଚନା ଦେଇଛନ୍ତି।

